ବର୍ଷ-୨୫, ସଂଖ୍ୟା-୯୧
ଭୁବନେଶ୍ୱର
୦୩, ଏପ୍ରିଲ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 91
Bhubaneswar
03 April, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ପିଲାଙ୍କୁ ଖଡ଼ି ଛୁଆଁଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨।୪(ମହାଭାରତ): କୁନି କୁନି ପିଲାଙ୍କ ଆଖିରେ ଭରି ରହିଥିଲା ଅନେକ ସ୍ୱପନ୍ନ। ସିଲଟ୍ ଓ ଖଡି ଧରି ସେମାନେ ବସିଥିଲେ ବଡଗଡ ଗାଁ ସ୍କୁଲର ପ୍ରାଙ୍ଗଣରେ। ସେମାନଙ୍କ ପାଖରେ ଯାଇ ପହଂଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପିଲାମାନଙ୍କୁ ଦେଖି ତାଙ୍କ ଭିତରେ ଛପି ରହିଥିବା ଶିକ୍ଷକର ସ୍ୱରୂପ ପୁଣି ଥରେ ଫୁଟିଉଠିଥିଲା। ସେ ପିଲାମାନଙ୍କ ହାତ ଧରି ଚକ୍ ଖଡିରେ ବୃତ କାଟି ପିଲାଙ୍କ ଖଡି ଛୁଆଁ ଆରମ୍ଭ କରିଥିଲେ। ତା ପରେ ପ୍ରଥମ ଅକ୍ଷର ଭାବେ 'ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରିଥିଲେ। ଏହା ସହିତ ଆରମ୍ଭ ହୋଇଥିଲା ଶିଶୁ ବାଟିକା ଓ ପିଲାଙ୍କ ପ୍ରବେଶ ଉତ୍ସବ।

ଶିକ୍ଷକତାରୁ ବୃତିଗତ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଶିକ୍ଷକତାର ଅଭିଜ୍ଞତାରୁ ପିଲାଙ୍କ ସହିତ ବାର୍ତ୍ତାଳପ ଆରମ୍ଭ କରିଥିଲେ। ଖୁବ୍ ସହଜ ଭାବରେ ପିଲାଙ୍କ ମା'ଙ୍କ ନାଁ, ବାପାଙ୍କ ନାଁ, କଣ ଖାଇଚ... ଏମିତି ଅନେକ ପ୍ରଶ୍ନ ପଚାରି ପିଲାଙ୍କ ସହିତ ଭାବଗତ ସମ୍ପର୍କ ଯୋଡିଥିଲେ। ପିଲାମାନେ ମଧ୍ୟ ଖୁବ୍ ଉତ୍ସାହର ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହେଉଥିଲେ। ଏହା ମଧ୍ୟ ଥିଲା ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଏକ ବାର୍ତ୍ତା । ଛୋଟ ଛୋଟ ପିଲାଙ୍କ ମନୋଭାବକୁ ଠିକ୍ ଭାବେ ବୁଝି ସେମାନଙ୍କ ସହିତ ସହଜ ହୋଇ ଶିକ୍ଷା ପ୍ରଦାନ କଲେ ପିଲାମାନେ ଆଗ୍ରହରେ ଶିକ୍ଷାଲାଭ କରିଥାନ୍ତି। ଏହା ଅଧିକ ପ୍ରଭାବଶାଳୀ ହୁଏ।

## 'ଶିଶୁ ବାଟିକା' ପିଲାଙ୍କ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ

## ସବୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲାଯିବ

ଏହା ପରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀ ପିଲା ମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ ଏବଂ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ-୨୦୨୫ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ ଏବଂ ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ ବୁଲି ଦେଖିବା ସହିତ ଶିଶୁ ବାଟିକା ପିଲାଙ୍କ ପଠନ ପ୍ରଣାଳୀ ଅନୁଧ୍ୟାନ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। ଆଜି ପାଠ ପଢା ଆରମ୍ଭ ଦିନରେ ପିଲାମାନେ ବହୁତ ଖୁସି ଅଛନ୍ତି।

ଏହି ଶିଶୁ ବାଟିକା ରାଜ୍ୟରେ ପ୍ରାଥମିକ ଶିକ୍ଷାଦାନ କ୍ଷେତ୍ରକୁ ସୁଦୃଢ କରିବ ଏବଂ ଏହି କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ଫଳପ୍ରଦ ହେବ । ଆଗାମୀ ଦିନରେ ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢିବେ।

ସୂଚନା ଯୋଗ୍ୟ ଯେ ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ଆଜିଠାରୁ ଶିଶୁ ବାଟିକା ବା ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିକ୍ଷା ଆରମ୍ଭ କରାଯାଇଛି । ୨୦୨୫-୨୬ ଶିକ୍ଷା ବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁ ବାଟିକା ଖୋଲାଯିବ। ଏହି ସବୁ ଶିଶୁ ବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବେ। ଶିଶୁ ବାଟିକାର ପିଲା ମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନ ଧର୍ମୀ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଏକାମ୍ର ଭୁବନେଶ୍ୱର ବାବୁ ସିଂହ, ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଲିନ ପଣ୍ଡିତ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସେନା ଗୁଳିରେ ୪-୫ ଜଣ ଅନୁପ୍ରବେଶକାରୀ ନିହତ

**ନୂଆଦିଲ୍ଲୀ, ୨।୪(ଏଜେନ୍ସି):** ଜମ୍ମୁ ଓ କାଶ୍ମୀରର ପୁଞ୍ଚ ଜିଲ୍ଲାରେ ଥିବା ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ପାକିସ୍ତାନ ସେନା ମଙ୍ଗଳବାର ଦିନ ଯୁଦ୍ଧବିରତି ଚୁକ୍ତିର ଉଲ୍ଲଂଘନ କରିଛି । ଏହି ଘଟଣାରେ ପାକିସ୍ତାନୀ ସେନା ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ସହ କୃଷ୍ଣା ଘାଟି ଅଞ୍ଚଳରେ ଅନାବଶ୍ୟକ ଗୁଳିଚାଳନା ଆରମ୍ଭ କରିଥିଲା। ଯାହାର ଜବାବରେ ଭାରତୀୟ ସେନା କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂତ୍ରରୁ ପ୍ରକାଶ ଯେ, ଏହି ଗୁଳିବିନିମୟରେ ପାକିସ୍ତାନ ପକ୍ଷରେ ବହୁତ କ୍ଷୟକ୍ଷତି ହୋଇଛି । ଯେଉଁଥିରେ ୪-୫ ଜଣ ଅନୁପ୍ରବେଶକାରୀ ନିହତ ହୋଇଥିବା ସୂଚନା ମିଳିଛି । ଭାରତୀୟ ସେନା ପକ୍ଷରୁ କୁହାଯାଇଛି ଯେ, ପାକିସ୍ତାନୀ ସେନା ଓ ଅନୁପ୍ରବେଶକାରୀମାନେ ପ୍ରଥମେ ଗୁଳିଚାଳନା ଆରମ୍ଭ କରିଥିଲେ । କିନ୍ତୁ ଭାରତୀୟ ସେନା ଏହାର ଦୃଢ଼ ଜବାବ ଦେଇ ପାକିସ୍ଥାନର ଅନୁପ୍ରବେଶ ପ୍ରୟାସକୁ ବିଫଳ କରିଦେଇଛି ।

## ଥାଇଲାଣ୍ଡ ଗସ୍ତରେ ଯିବେ ମୋଦୀ

ନୂଆଦିଲ୍ଲୀ, ୨।୪(ପିଆଇବି): ଷଷ୍ଠ ବିମଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି (ଗୁରୁବାର) ସକାଳେ ଦୁଇ ଦିନିଆ ଥାଇଲାଣ୍ଡ ଗସ୍ତରେ ଯିବେ। ୨୦୧୬ ଓ ୨୦୧୯ ପରେ ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ତୃତୀୟ ଥାଇଲାଣ୍ଡ ଗସ୍ତ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ବ୍ୟାଙ୍କକରେ ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ପେଟୋଙ୍ଗଟାର୍ଣ୍ଣ ସିନାତ୍ରାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ସେମାନେ ଦ୍ୱିପାକ୍ଷିକ ସମ୍ପର୍କର ସମଗ୍ର କ୍ଷେତ୍ରର ଅଗ୍ରଗତିର ସମୀକ୍ଷା କରିବେ ଏବଂ ଭାରତ-ଥାଇଲାଣ୍ଡ ଦ୍ୱିପାକ୍ଷିକ ଭାଗିଦାରୀକୁ ଅଧିକ ‹ରାନ୍‌ିତ କରିବା ଏବଂ ଆଞ୍ଚଳିକ ଏବଂ ବହୁପାକ୍ଷିକ ପ୍ରସଙ୍ଗଉପରେ ମତ ବିନିମୟ କରିବେ। ସେମାନେଅନେକ ଦ୍ୱିପାକ୍ଷିକ ଦସ୍ତାବିଜରେ ସ୍ୱାକ୍ଷର କରିବେ। ଚଳିତ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଷଷ୍ଠ ବିମଷ୍ଟେକ୍ ଶିଖର ସମ୍ମିଳନୀର ବିଷୟବସ୍ତୁ ହେଉଛି ବିମଷ୍ଟେକ୍ ସମୃଦ୍ଧ, ସହନଶୀଳ ଏବଂ ମୁକ୍ତ। ଏହି ଶିଖର ସମ୍ମିଳନୀରେ ବ୍ୟାଙ୍କକ୍ ଭିଜନ-୨୦୩୦କୁ ଗ୍ରହଣ କରାଯିବ ଏବଂ ବିମଷ୍ଟେକର ଭବିଷ୍ୟତ ଦିଗ ନିର୍ଦ୍ଧାରଣ ପାଇଁ ବିମଷ୍ଟେକ୍ ବିଶିଷ୍ଟ ବ୍ୟକ୍ତିଗୋଷ୍ଠୀର ରିପୋର୍ଟକୁ ମଧ୍ୟ ଅନୁମୋଦନ କରାଯିବ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ରାଜା ରାମା ଦଶମ ଏବଂ ଥାଇଲାଣ୍ଡର ରାଣୀଙ୍କ ସହ ସହ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଐତିହାସିକ ଭାବେ ଦ୍ୱିପାକ୍ଷିକ ସମ୍ପର୍କ, ସଭ୍ୟତା, ସାଂସ୍କୃତିକ ଏବଂ ଧାର୍ମିକ ବନ୍ଧନ ରହିଛି ।

## ୧୦ ଲକ୍ଷ ଟଙ୍କା ପାଇଁ ପ୍ରେମିକଙ୍କୁ ଅପହରଣ କଲା ପ୍ରେମିକା

ଭୁବନେଶ୍ୱର, ୨।୪(ମହାଭାରତ): କମିସନରେଟ୍ ପୁଲିସ ଆଜି ଜଣେ ଟଙ୍କା ଲୋଭି ପ୍ରେମିକା ସହିତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣା ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡା ଅଞ୍ଚଳରେ ଘଟିଛି।

ଅଭିଯୋଗ ଅନୁଯାୟୀ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଝାଡ଼ପଡ଼ା ଅଞ୍ଚଳର ଯୁବକ ସୋମନାଥ ସ୍ୱାଇଁଙ୍କର ପ୍ରେମ ସଂପର୍କ ଥିଲା। ସୋମନାଥ ଏବଂ ତାଙ୍କର ପ୍ରେମିକା ଲିଭ ଇନ୍‌ରେ ରହୁଥିଲେ। ଏହାରି ମଧ୍ୟରେ ଯୁବତୀ ତାଙ୍କ ପାର୍ଟନରଙ୍କ ଚରିତ୍ରକୁ ନେଇ ସନ୍ଦେହ କରିଥିଲେ। ଏଥି ପାଇଁ ସେ ପ୍ରେମିକଙ୍କ ଠାରୁ ସମ୍ପର୍କ କାଟିବା ନିଷ୍ପତ୍ତି ନେଇଥିଲେ। କିନ୍ତୁ ସଂପର୍କ କାଟିବା ପୂର୍ବରୁ ଟଙ୍କା ହଡ଼ପ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ।

ପ୍ରେମିକଙ୍କ ଠାରୁ ଟଙ୍କା ଅଣିବା ପାଇଁ ନିଜ ଭଉଣୀଙ୍କ ପ୍ରେମିକଙ୍କୁ ମଧ୍ୟ



ବ୍ୟବହାର କରିଥିଲେ। ଏଥି ପାଇଁ ସେ ଅନ୍ୟ ୩ ଜଣ ଯୁବକଙ୍କ ସହଯୋଗ ନେଇଥିଲେ। ଶେଷରେ ପ୍ରେମିକଙ୍କୁ ଅପହରଣ କରିନେଇଥିଲେ। ଏହା ପରେ ୧୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖି ଏକ ଭଡ଼ା ଘରେ ରଖି ନିର୍ଯାତନା କରିଥିବା ଅଭିଯୋଗ ହୋଇଥିଲା। ତେବେ ୧୨ ଘଣ୍ଟାର ଅପରେସନ ପରେ କମିସିନରେଟ୍ ପୁଲିସ ମାଷ୍ଟର ମାଇଣ୍ଡ ଯୁବତୀ ଓ ଅନ୍ୟ ୪ ଜଣ ଯୁବକଙ୍କୁ ଗିରଫ କରିଛି। ଯୁବତୀ ଜଣକ ଝାଡ଼ଖଣ୍ଡର ବୋଲି ଜଣାପଡ଼ିଛି। ପୁଲିସ କମିସନର୍ ସୁରେଶ ଦେବଦତ୍ତଙ୍କ ସୂଚନ ଅନୁଯାୟୀ, ମଙ୍ଗଳବାର ରାତି ୧୦ଟାରେ ଝାରପଡ଼ା ଅଞ୍ଚଳର ସୋମନାଥ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଗୋଟିଏ ଦିନ ହେବ ନିଖୋଜ ଥିଲେ ବୋଲି ଖବର ଆସିଥିଲା। ସୋମନାଥଙ୍କ ନିଖୋଜ ନେଇ ତାଙ୍କ ଭଉଣୀ ଥାନାରେ ଅଭିଯୋଗ ଆଣିଥିଲେ। ପୁଲିସ ମାମଲା ରୁଜୁ କରି ସୋମନାଥଙ୍କୁ ଉଦ୍ଧାର କରିବାକୁ କମ୍ ସମୟ ମଧ୍ୟରେ ୩ଟି ଟିମ୍ ଗଠନ କରିଥିଲା। ମୋବାଇଲ ଡ଼ାଟା, ଲୋକଙ୍କର ସାହାଯ୍ୟ ଓ ପୂର୍ବ ଘଟଣାବଳୀକୁ ଆଧାର କରି ପୁଲିସ ଖୋଜିବା ଆରମ୍ଭ କରି ଦେଇଥିଲା। ରାତିସାରା ଅଭିଯାନ ପରେ ସଫଳତା ହାସଲ କରିଥିଲା।

ଶ୍ରୀ ସିଂହ କହିଛନ୍ତି, ପୁଲିସ ପକ୍ଷରୁ ପ୍ରଥମେ ଯୁବତୀଙ୍କୁ କୁହାଯାଇଥିଲା ଯେ, ପଇସା ଦେବା ପାଇଁ ବ୍ୟବସ୍ଥା କରୁଛୁ। ତଥାପି ସେମାନେ ସନ୍ଦେହ କରି ଆମ ପାଖକୁ ଆସିନଥିଲେୟ ପୁଲିସ ସମସ୍ତ ବୁଦ୍ଧି ଲଗାଇ ସକାଳୁ ସମ୍ ହସ୍ପିଟାଲ ନିକଟରେ ଏକ ହୋଟେଲରୁ ୫ ଜଣ ଅପହରଣକାରୀଙ୍କୁ ଗିରଫ କରିବା ସହ ସୋମନାଥଙ୍କୁ ଉଦ୍ଧାର କରିଥିଲା।

## କେନ୍ଦ୍ର ଗୃହମନ୍ତ୍ରୀଙ୍କ ବସ୍ତର ଗସ୍ତ ପୂର୍ବରୁ ଭୟରେ ମାଓବାଦୀ

### ଶାନ୍ତି ଆଲୋଚନା ପାଇଁ କଲେ ଅପିଲ୍

ମାଲକାନଗିରି, ୨।୪(ମହାଭାରତ): କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ମାଓବାଦୀଙ୍କ ସମୂଳ ନାଶ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ପକ୍ଷରୁ ଅଭିଯାନ ଜୋରଦାର କରାଯାଇଛି। ଫଳରେ ଗତ କିଛିଦିନ ମଧ୍ୟରେ ଅନେକ ମାଓବାଦୀ ନିପାତ ହୋଇଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବସ୍ତ ଗସ୍ତ କରିବାକୁ ଯାଉଛନ୍ତି।

ତେବେ ଶାହାଙ୍କ ଗସ୍ତ ପୂର୍ବରୁ ଶାନ୍ତି ଆଲୋଚନାକୁ ସମର୍ଥନ କରିବା ପାଇଁ ଅପିଲ୍ କରିଛନ୍ତି ମାଓବାଦୀ ସଂଗଠନ। ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରି ଏହି ଅପିଲ୍ କରାଯାଇଛି। ପୂର୍ବରୁ ମଧ୍ୟ ଆଲୋଚନା ପାଇଁ ଇଚ୍ଛା ପ୍ରକାଶ କରିଥିବା ଏଥିରେ ଜଣାଇଛନ୍ତି। ଏଥିସହିତ ସଶସ୍ତ୍ର ବାହିନୀର ନୂଆ। ଶିବିର ସ୍ଥାପନ ବନ୍ଦ ପାଇଁ ସର୍ତ୍ତ ରଖିଛନ୍ତି ମାଓ ସଂଗଠନ। ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ମଧ୍ୟ ଦାବି ଜଣାଇବା ସହିତ ସରକାର ମାନିଲେ ମାଓବାଦୀ ଯୁଦ୍ଧବିରତି ଘୋଷଣା କରିବେ ସୂଚନା ଦେଇଛନ୍ତି।

## ୱାକଫ୍ (ସଂଶୋଧନ) ବିଲ୍ ୨୦୨୫ ଉପରେ ଲୋକସଭାରେ ଆଲୋଚନା

ନୂଆଦିଲ୍ଲୀ, ୨।୪: ଯୁଗ୍ମ ସଂସଦୀୟ କମିଟିର ସୂଚନା ଅନୁଯାୟୀ, ଲୋକସଭାରେ ୱାକଫ୍ (ସଂଶୋଧନ) ବିଲ୍, ୨୦୨୫ ଉପରେ ଆଲୋଚନା ହୋଇଛି । ଏଥିରେ ଶାସକ ଓ ବିପକ୍ଷ ଦଳର ସାଂସଦମାନେ ନିଜ ନିଜର ମତବ୍ୟକ୍ତ କରିଛନ୍ତି। ଏହି ବିଲ୍ ନେଇ ୮ ଘଣ୍ଟା ଧରି ଆଲୋଚନା ହେବାକୁ ଥିବାବେଳେ ଅଧିକ ୪ ଘଣ୍ଟାରୁ ଅଧିକ ସମୟ ଚାଲିଥିଲା। ରାତି ୧୨ଟା ପରେ ମଧ୍ୟ ଆଲୋଚନା ଜାରି ରହିଥିଲା। ପରେ ଭୋଟିଂ ହୋଇଥିଲା।

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଲ୍ ଆଗତ କରି କହିଛନ୍ତି ଯେ ମୁସଲମାନଙ୍କ ଧାର୍ମିକ ପ୍ରଥା ସହିତ ଏହାର କୌଣସି ସମ୍ପର୍କ ନାହିଁ ଏବଂ ଏହା କେବଳ ୱାକଫ୍ ବୋର୍ଡ ସମ୍ପତ୍ତି ସହିତ ଜଡ଼ିତ। ସେ କହିଛନ୍ତି ଯେ ସରକାର ୱାକଫ୍ ବୋର୍ଡକୁ ଧର୍ମନିରପେକ୍ଷ କରିବାକୁ ଚାହୁଁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଆଇନ ମସଜିଦ ପରିଚାଳନା ପାଇଁ ଉଦ୍ଦିଷ୍ଟ ନୁହେଁ। ମନ୍ତ୍ରୀ ଏହି ଆଇନକୁ ସମ୍ଭାବ୍ୟ ବୋଲି କହିଛନ୍ତି ଯେ ଏହା ପୂର୍ବାପେକ୍ଷୀ ନୁହେଁ ଏବଂ କାହାର ସମ୍ପତ୍ତି ଜବତ କରିବାକୁ ଉଦ୍ଦିଷ୍ଟ ନୁହେଁ।

ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନର ବିଲ୍ ଅନୁଯାୟୀ ୱାକଫ୍ ବୋର୍ଡରେ ବିଭିନ୍ନ ମୁସଲମାନ ସମ୍ପ୍ରଦାୟ, ମହିଳା ଓ ଅଣମୁସଲମାନ ଏବଂ ଅନ୍ୟମାନଙ୍କ ପ୍ରତିନିଧି ରହିବେ। ଏହି ବିଲକୁ ନେଇ ବିରୋଧୀ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନର ଆଇନରେ ଦେଶରେ କୌଣସି ଜମିକୁ ୱାକଫ୍ ସମ୍ପତ୍ତି ଘୋଷଣା କରିବା ପାଇଁ କେତେକ ବ୍ୟବସ୍ଥାର ଅପବ୍ୟବହାର କରାଯାଇଛି। ସେ କହିଛନ୍ତି ଯେ ୨୦୧୩ରେ ୟୁପିଏ ଶାସନ ସମୟରେ ୱାକଫ୍ ଆଇନରେ ସଂଶୋଧନ କରାଯାଇଥିଲା ଯାହା ଅନ୍ୟ ଆଇନ ଉପରେ ଅଧିକ ପ୍ରଭାବ ପକାଇଥିଲା। କଂଗ୍ରେସ ଶାସନ ସମୟରେ ଜାତୀୟ ରାଜଧାନୀରେ ମୋଟ ୧୨୩ଟି ସମ୍ପତ୍ତି ଦିଲ୍ଲୀ ୱାକଫ୍ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଆଇନ ପ୍ରସ୍ତୁତ କରିବା ସମୟରେ ଯୁଗ୍ମ ସଂସଦୀୟ କମିଟି ଏବଂ ସରକାର ଅଂଶୀଦାରମାନଙ୍କ ସହ ବ୍ୟାପକ ବିଚାର ବିମର୍ଶ କରିଥିଲେ। ବିଶ୍ୱରେ ଭାରତରେ ସର୍ବାଧିକ ୱାକଫ୍ ସମ୍ପତ୍ତି ରହିଛି ତେବେ ଭାରତୀୟ ମୁସଲମାନମାନେ କାହିଁକି ଗରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁସଲମାନ ୱାକ୍ଫ (ରଦ୍ଦ) ବିଲ୍, ୨୦୨୪ ମଧ୍ୟ ଆଗତ କରିଥିଲେ।

ବିରୋଧର ଜବାବ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, କ୍ୟାବିନେଟରେ ଅନୁମୋଦନ ଅନୁଯାୟୀ ଯୁଗ୍ମ ସଂସଦ କମିଟିର ବିସ୍ତୃତ ଆଲୋଚନା ପରେ ଏହି ବିଲ୍ ଅଣାଯାଇଛି। ଆଲୋଚନା ଆରମ୍ଭ କରି କଂଗ୍ରେସର ଗୌରବ ଗୋଗୋଇ ଏହି ବିଲ୍ ଉପରେ ସରକାର

ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଥିଲେ। ଏହି ବିଲ୍ ସମ୍ବିଧାନ ବିରୋଧୀ ବୋଲି ସେ କହିଛନ୍ତି। ଏହି ବିଲ୍

ଜରିଆରେ ସରକାର ସମ୍ବିଧାନକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି, ସଂଖ୍ୟାଲଘୁମାନଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି ଏବଂ ଭାରତୀୟ ସମାଜକୁ ବିଭାଜିତ କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତିୟ କଂଗ୍ରେସ ଶାସନ ସମୟରେ ଦିଲ୍ଲୀରେ ମୋଟ ୧୨୩ଟି ସମ୍ପତ୍ତି ଦିଲ୍ଲୀ ୱାକଫ ବୋର୍ଡକୁ ହସ୍ତାନ୍ତର କରାଯାଇଥିବା ଶ୍ରୀ ରିଜିଜୁଙ୍କ ଅଭିଯୋଗକୁ ମଧ୍ୟ ସେ ଖଣ୍ଡନ କରିଛନ୍ତିୟ କଂଗ୍ରେସ ନେତା କହିଛନ୍ତି ଯେ ବର୍ତ୍ତମାନର ଆଇନରେ ସଂଶୋଧନ ଅଧିକ ସମସ୍ୟା ସୃଷ୍ଟି କରିବ।

ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି ଯେ ଦରବୃଦ୍ଧି, ବେକାରୀ, ବିମୁଦ୍ରାକରଣ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ନିଜର ବିଫଳତାକୁ ଲୁଚାଇବା ପାଇଁ ସରକାର ଏହି ବିଲ୍ ଆଣିଛନ୍ତିୟ ପ୍ରୟାଗରାଜର ମହାକୁମ୍ଭ ସମୟରେ ଦଳାଚକଟା ଘଟଣା ଏବଂ ମୃତ୍ୟୁ ସଂଖ୍ୟାକୁ ନେଇ ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତିୟ ଶ୍ରୀ ଯାଦବ ଅଭିଯୋଗ କରିଛନ୍ତି ଯେ ଏହି ବିଲ୍ ପଛର ଉଦ୍ଦେଶ୍ୟ ଭଲ ନୁହେଁ ଏବଂ ଏହାକୁ ବିଜେପି ନିଜ ଭୋଟକୁ ନିୟନ୍ତ୍ରଣ କରିବା ପାଇଁ ଆଣିଛି। ଏହି ଆଇନ ଦେଶର ଧର୍ମନିରପେକ୍ଷ ଭାବମୂର୍ତ୍ତିକୁ ପ୍ରଭାବିତ କରିବ ବୋଲି ସେ କହିଛନ୍ତି।



ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ପ୍ରସ୍ତାବିତ ଆଇନକୁ ଭୁଲ ଧାରଣା, ଅଯୌକ୍ତିକ ଏବଂ ମନମୁଖୀ ବୋଲି କହିଛନ୍ତି। ଏହା ମୁସଲମାନ ସମ୍ପ୍ରଦାୟର ଅଧିକାରକୁ କ୍ଷୁର୍ଣ୍ଣ କରିବାର ପ୍ରୟାସ ବୋଲି ସେ ଅଭିଯୋଗ କରିଛନ୍ତିୟ ଶ୍ରୀ ବାନାର୍ଜୀ କହିଛନ୍ତି, ଧାର୍ମିକ କର୍ତ୍ତବ୍ୟ ପାଳନ କୌଣସି ଆଇନର ଆଧାର ହୋଇପାରିବ ନାହିଁ।

ଡିଏମକେର ଏ ରାଜା ଏହି ଆଇନକୁ ଅସାମ୍ବିଧାନିକ ଏବଂ ସଂଖ୍ୟାଲଘୁ ବିରୋଧୀ ବୋଲି କହିଛନ୍ତି। ଏହି ବିଲ୍ ମୁସଲମାନମାନଙ୍କ ସ୍ୱାର୍ଥକୁ କ୍ଷତି ପହଞ୍ଚାଇବ ବୋଲି ସେ ଅଭିଯୋଗ କରିଛନ୍ତି।

ଆଲୋଚନାରେ ଭାଗ ନେଇ ବିଜେପିର ରବିଶଙ୍କର ପ୍ରସାଦ କହିଛନ୍ତି ଯେ ବିତର୍କ ସମୟରେ ବିରୋଧୀ ମାନେ ସମ୍ବିଧାନକୁ ଚୟନମୂଳକ ଭାବେ ଉଲ୍ଲେଖ କରିଥିବା ସେ ଅଭିଯୋଗ କରିଛନ୍ତି। ଏହି ଆଇନକୁ ସମ୍ପୂର୍ଣ୍ଣ ରୂପେ ଉଦାହରଣ ଦେବାକୁ ବିରୋଧୀଙ୍କୁ ଶ୍ରୀ ପ୍ରସାଦ ଅନୁରୋଧ କରିବା ସହ ୱାକଫ୍ ସମ୍ପତ୍ତିର ସୁରକ୍ଷା ଏବଂ ଅବହେଳିତ ସମ୍ପ୍ରଦାୟର ଉନ୍ନତି ପାଇଁ ସରକାରଙ୍କ ପଦକ୍ଷେପକୁ ସମ୍ବିଧାନ ନିଜେ ସମର୍ଥନ କରୁଛି ବୋଲି ଗୁରୁତ୍ୱାରୋପ କରିଥିଲେୟ ଶ୍ରୀ ପ୍ରସାଦ କହିଛନ୍ତି ଯେ ୱାକଫ୍ ସମ୍ପତ୍ତି ପରିଚାଳନାରେ ସ୍ୱଚ୍ଛତା ଏବଂ ଲିଙ୍ଗଗତ ନ୍ୟାୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ବିଲରେ ମହିଳାଙ୍କୁ ୱାକଫ୍ ବୋର୍ଡରେ ବାଧ୍ୟତାମୂଳକ ଭାବେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି।

ଟିଡିପିର କୃଷ୍ଣ ପ୍ରସାଦ ଟେନେଟି ଏହି ବିଲକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ୧.୨ ଲକ୍ଷ କୋଟି ଟଙ୍କାର ୱାକଫ୍ ସମ୍ପତ୍ତି ଏବଂ ୩୬ ଲକ୍ଷ ଏକରରୁ ଅଧିକ ଜମି ସଂଖ୍ୟାଲଘୁଙ୍କ ପାଇଁ ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନର ଏକ ସୁଯୋଗ ପ୍ରଦାନ କରୁଛି। ସେ କହିଛନ୍ତି ଯେ, ସମ୍ପତ୍ତିଗୁଡ଼ିକୁ ଖରାପ ଉଦ୍ଦେଶ୍ୟରେ ଅବ୍ୟବହୃତ ଏବଂ ଅପବ୍ୟବହୃତ କରାଯାଇଛି। ଶ୍ରୀ ଟେନେଟି କହିଛନ୍ତି ଯେ ତାଙ୍କ ଦଳ ଦ୍ୱାରା ପ୍ରସ୍ତାବିତ ସଂଶୋଧନକୁ ବିଲ୍ ରେ ଅନ୍ତର୍ଭୁକ୍ତ କରାଯାଇଛି।

ଜେଡିୟୁ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଂଜନ ସିଂହ (ଲଲନ) କହିଛନ୍ତି ଯେ ଆଲୋଚନା ଆରମ୍ଭରୁ ବିଲ୍ ମୁସଲମାନ ବିରୋଧୀ ଭଳି ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି। ଏହି ବିଲ୍ ଆଦୌ ମୁସଲମାନ ବିରୋଧୀ ନୁହେଁ ବୋଲି ସେ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି, ୱାକଫ୍ ଏକ ପ୍ରକାର ଟ୍ରଷ୍ଟ ଯାହା ମୁସଲମାନଙ୍କ ସ୍ୱାର୍ଥରେ କାମ କରିବା ପାଇଁ ଗଠିତ। ସେ କହିଛନ୍ତି, ମୁସଲମାନଙ୍କର ସମସ୍ତ ବର୍ଗକୁ ନ୍ୟାୟ ଦେବାର ଅଧିକାର ଟ୍ରଷ୍ଟର ଅଛି, କିନ୍ତୁ ତାହା ହେଉନାହିଁ ଏବଂ ସେଥିପାଇଁ ଏହି ବିଲ୍ ଅଣାଯାଇଛି। ଶ୍ରୀ ସିଂହ ଏହି ଆଇନ ଦ୍ୱାରା ୱାକଫ୍ ସମ୍ପତ୍ତି ପରିଚାଳନାରେ ସ୍ୱଚ୍ଛତା ଆସିବ ଏବଂ ଏହାର ଅପବ୍ୟବହାର ବନ୍ଦ ହେବ।

## ଫ୍ରାନ୍ସ ରାଷ୍ଟ୍ରଦୂତଙ୍କ ଜଙ୍ଗଲ ମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ



ଭୁବନେଶ୍ୱର, ୨।୪(ମହାଭାରତ): ଭାରତରେ ଫ୍ରାନ୍ସର ରାଷ୍ଟ୍ରଦୂତ ଥିଏରୀ ମାଥୋ, କୋଲକାତାରେ ଫ୍ରାନ୍ସର କନସଲ ଜେନେରାଲ ଡିଡିୟର ତାଲପେନ୍, ପ୍ରେସ ଆଟାଚି ଏବଂ କୂଟନୈତିକ ସମ୍ପର୍କ ସୁଶ୍ରୀ ଅଞ୍ଜିତା ରାୟଚୌଧୁରୀ, ଚାର୍ଜ ଡି ମିଶନ ସାମୁଏଲ ବୋଚାର୍ଡ ଏବଂ ଆଲାଏନ୍ସ ଫ୍ରାନ୍ସାଇଜ୍ ଡୁ ବେଙ୍ଗଲର ନିର୍ଦ୍ଦେଶକ ନିକୋଲାସ୍ ଫାସିନୋ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆଙ୍କୁ ତାଙ୍କ ଲୋକସେବା ଭବନ ଚାମ୍ବରରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କରିଛନ୍ତି।ଆଲୋଚନା ସମୟରେ, ଫ୍ରାନ୍ସର ଉଚ୍ଚସ୍ତରୀୟ ଦଳ ଓଡ଼ିଶାର ଜଙ୍ଗଲ କ୍ଷେତ୍ରରେ ବିକାଶ ଏବଂ ଜଙ୍ଗଲ ସଂରକ୍ଷଣ, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସହଭାଗୀତାଏବଂ ଓଡ଼ିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗକୁ ସହାୟତା ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ଏବଂ ବିଭାଗର ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ୫୦୦ ଗ୍ରାମ ଛେନା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡା ପକାଇ ଭଲ ଭାବରେ ଚକଟି ଦିଅନ୍ତ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।

..... ଖବର .....

# ଛାଡ଼ପତ୍ର ଚର୍ଚ୍ଚା ଭିତରେ ଭାଇରାଲ୍ ହେଲା ଅଭିଷେକ-ଐଶ୍ୱର୍ଯ୍ୟାଙ୍କ ନୃତ୍ୟ ଭିଡିଓ





ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଅଭିଷେକ ବଚ୍ଚନଙ୍କର ଛାଡ଼ପତ୍ର ହେବ ବୋଲି ଚିନ୍ତା କରୁଥିବା ଲୋକମାନେ ଟିକେ ରହିଯାଆନ୍ତୁ। ପୁଣେରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ଏବଂ ଅଭିଷେକ ବଚ୍ଚନ ତାଙ୍କ ଝିଅ ଆରାଧାଙ୍କ ସହିତ ନାଚୁଥିବା ବେଳର ଏକ ଭିଡିଓ ଖୁବ୍ ଜୋରେ୍ର ଭାଇରାଲ୍ ହେବାରେ ଲାଗିଛି। ଐଶ୍ୱର୍ଯ୍ୟାଙ୍କ ସମ୍ପର୍କୀୟ ଭାଇଙ୍କ ବିବାହରେ ଯୋଗ ଦେଇ ବାପାମାଆ ଓ ଝିଅ 'କଜ୍ରାରେ..'' ଗୀତରୁ ନୃତ୍ୟ ପରିବେଷଣ କରୁଥିବାର ଦେଖିବାକୁ ମିଳିଛି। ଉତ୍ସବର ଅନେକ ଫଟୋ ମଧ୍ୟରେ ଏହି ଦମ୍ପତିଙ୍କ ଲୋକପ୍ରିୟ ଗୀତ କଜରା ରେ ଗୀତରେ ନାଚିବାର ଏକ ଭିଡିଓ ଭାଇରାଲ ହୋଇଛ। ଏହା ପ୍ରଶଂସକମାନଙ୍କ ପାଇଁ ଏକ ଉପହାର ସ୍ୱରୂପ। ଭାଇରାଲ କ୍ଲିପରେ ଅଭିଷେକ ଏବଂ ଐଶ୍ୱର୍ଯ୍ୟା ସେମାନଙ୍କ ଆଇକନିକ ଗୀତରେ ନାଚୁଥିବାର ଦେଖାଯାଇଛି। ଯେଉଁଥିରେ ଝିଅ ଆରାଧା ତାଙ୍କ ମାଆଙ୍କଠାରୁ ଷ୍ଟେପ୍ ଶିଖିବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳିଛି।ଅଭିଷେକ ଏବଂ ଐଶ୍ୱର୍ଯ୍ୟାଙ୍କ ମଧ୍ୟରେ କେମେଷ୍ଟି ଇ□ରନେଟର ଦୃଷ୍ଟି ଆକର୍ଷଣ କରିଛି। ଭିଡିଓରେ, ଐଶ୍ୱର୍ଯ୍ୟା ହଳଦିଆ ସୁଟ୍ ପିନ୍ଧି ର । ଜ କ 1 ୟ ଦେଖାଯାଉଥିଲେ। ଅଭିଷେକ ଗୋଲାପୀ କୁର୍ତ୍ତା ଏବଂ ଧଳା ପାଇଜାମା ପିନ୍ଧି ଚମତ୍କାର ଦିଶୁଥିଲେ। ଅନ୍ୟପକ୍ଷରେ ଆରାଧ୍ୟା ଧଳା ଲେହେଙ୍ଗା ପିନ୍ଧିଥିଲେ।ଉଲ୍ଲେଖଯୋଗ୍ୟ, ବଣ୍ଟି ଔର ବବଲି (୨୦୦୫) ର କଜରା ରେ ଅଭିଷେକ, ଐଶ୍ୱର୍ଯ୍ୟା ଏବଂ ଅମିତାଭ ବଚ୍ଚନଙ୍କ ଉପରେ ଚିତ୍ରିତ ହୋଇଥିଲା।

## ରାତିରେ ପନିର ସେବନ କରିବା ଉଚିତ କି ଅନୁଚିତ



ପନିର ପ୍ରୋଟିନର ଏକ ଉତ୍ତମ ସ୍ରୋତ। ମାତ୍ର ରାତି ସମୟରେ ପନିର ଖାଇବା ଉଚିତ କି ନୁହେଁ। ସ୍ୱାସ୍ଥ୍ୟ ଉପରେ ଏହାର କି ପ୍ରଭାବ ପଡିଥାଏ। ଜାଣନ୍ତୁ..

ରାତିରେ ପନିର ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ରାତିରେ ପନିର ଖାଇବା ଦ୍ୱାରା ପେଟ ଫୁଲିବା ଓ ପେଟ ବଢିବା ସମସ୍ୟା ମଧ୍ୟ ଦେଖାଦିଏ।

ରାତିରେ ଅଧିକ ପନିର ସେବନ କରିବା ଦ୍ୱାରା ଶରୀରରେ କୋଲେଷ୍ଟେରୋଲ୍ ସ୍ତର ବୃଦ୍ଧି ହୋଇଥାଏ। ଫଳରେ ହୃଦୟ ଜନିତ ସମସ୍ୟା ମଧ୍ୟ ଦେଖାଦିଏ।

ରାତିରେ ପନିର ଖାଇବା ଦ୍ୱାରା ଶରୀରରେ ଫ୍ୟାଟ୍ ବଢିଥାଏ। ଫଳରେ ମୋଟାପଣ ମଧ୍ୟ ବୃଦ୍ଧି ହୋଇଥାଏ।

ପନିର ଖାଇବା ଦ୍ୱାରା ରାତିରେ ପାଚନ ସମସ୍ୟା ସୃଷ୍ଟି ହୋଇ ନିଦରେ ମଧ୍ୟ ପ୍ରଭାବ ପକାଇଥାଏ। ଫଳରେ ରାତିରେ ସଠିକ ଭାବେ ନିଦ ହୋଇନଥାଏ।

ରାତିରେ ପନିର ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ।ଅଧିକ ପନିର ସେବନ କରିବା ଦ୍ୱାରା ମାନ୍ଦା ଅନୁଭବ ହୋଇଥାଏ।

# କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?



ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚାଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧନୁର୍ଚ୍ଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ଭରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚଯର୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରି ପାରି ନଥାନ୍ତ। ବ୍ରାହ୍ମଣମାନେ ଖୁବ୍ ସୂକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧନୁର୍ଚ୍ଚାଳନା ଭୁଲିଯିବ। ସେମିତି ହିଁ ହେଲା ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

# ବିଶାଳାକ୍ଷୀ ଶକ୍ତିପୀଠ, ବାରାଣସୀ



ସନାତନ ଧର୍ମରେ ସର୍ବଦା ଶକ୍ତିଙ୍କୁ ଉପାସନା କରାଯାଇଆସିଛି । ସେଥିପାଇଁ କୌଣସି ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବରୁ ପ୍ରଥମେ ସେମାନଙ୍କ ଶକ୍ତିଙ୍କ ନାମ ନିଆଯାଇଥାଏ। 'କୃଷ୍ଣ ଚରିତ୍ର'ରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ଦିନଚର୍ଯ୍ୟାରେ ମା' ଦୁର୍ଗାଙ୍କ ଉପାସନା ସମ୍ମିଳିତ ଥିଲା। ଶ୍ରୀରାମ ମଧ୍ୟ ରାବଣ-ବଧ ପୂର୍ବରୁ ଶକ୍ତିପୂଜା କରିଥିଲେ । ବୈଦିକ ସାହିତ୍ୟ ବିଶେଷ କରି ଯଜୁର୍ବେଦ ଏବଂ ଅଥର୍ବବେଦରେ ଶକ୍ତିପୂଜାର ଉଲ୍ଲେଖ ରହିଛି । ଉପନିଷଦ୍‌ରେ ମଧ୍ୟ ଶକ୍ତିପୂଜାକୁ ଗୁରୁତ୍ୱ ଦିଆଯାଇଛି । ପୁରାଣରେ ତ' ସର୍ବତ୍ର ଶକ୍ତିଙ୍କ ମହତ୍ୱ ବର୍ଣ୍ଣନା କରାଯାଇଛି । ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶିବଙ୍କ ଅପମାନରେ କ୍ରୋଧିତ ହୋଇ ଦେବୀ ସତୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ନିଜକୁ ଆହୂତି ଦେଲେ । ଏହାପରେ ଭଗବାନ ଶିବ ଅତ୍ୟନ୍ତ କ୍ରୋଧିତ ହୋଇପଡ଼ିଥିଲେ । ସେ ଦେବୀ ସତୀଙ୍କ ଶରୀରକୁ ନେଇ ସମଗ୍ର ବ୍ରହ୍ମାଣ୍ଡରେ ଘୂରିବୁଲିବାକୁ ଲାଗିଲେ । ଏହି ସମୟରେ ଶ୍ରୀହରି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ । ଦେବୀ ଶକ୍ତିଙ୍କ ଅଙ୍ଗ ଯେଉଁଠି ଖସିପଡ଼ିଥିଲା, ସେସବୁ ସ୍ଥାନ ଶକ୍ତିପୀଠ ନାମରେ ପ୍ରସିଦ୍ଧ ହୋଇଥିଲା। ଏଠାରେ କିଛି ଶକ୍ତିପୀଠ ସମ୍ପର୍କରେ ସୂଚନା ଦିଆଗଲା।

କାଶୀରେ ଭଗବାନ ଶିବଙ୍କ ଉପାସନା ସହିତ ଶକ୍ତିର ଅଧିଷ୍ଠାତ୍ରୀ (ମାତା)ଙ୍କର ମଧ୍ୟ ପୂଜା କରାଯାଇଥାଏ। ଅଷ୍ଟ ଭୈରବ, ଛପନ ବିନାୟକଙ୍କ ସହିତ ୯ ଦେବୀ ଏବଂ ୯ ଗୌରୀଙ୍କୁ ମଧ୍ୟ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଜଣେ ବିଶାଳାକ୍ଷୀ ଗୌରୀ ନାମରେ ପ୍ରସିଦ୍ଧ । ତାଙ୍କର ମନ୍ଦିର ଗଙ୍ଗା ନଦୀ ତଟ ତଥା ଶ୍ରୀକାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟସ୍ଥ ମୀରଘାଟରେ ରହିଛି । ଲୋକ ବିଶ୍ୱାସ ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ମୁଖମଣ୍ଡଳ ଖସିପଡ଼ିଥିଲା। ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି ଯେ ଆଜି ମଧ୍ୟ ଦେବାଦିଦେବ ମହାଦେବ ଏହି ଶକ୍ତିପୀଠକୁ ପ୍ରତିଦିନ ବିଶ୍ରାମ କରିବା ଲାଗି ଆସିଥାନ୍ତି । ସେଥିପାଇଁ ପୂଜାରୀ ମନ୍ଦିରରେ ପଲଙ୍କ ସଜାଇଥାନ୍ତି ।

ଏହି ଶକ୍ତିପୀଠର ଇତିହାସ, କାଶୀ ନଗରୀ ପ୍ରତିଷ୍ଠା ହେବା ପୂର୍ବରୁ। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ବିଶାଳାକ୍ଷୀ ଦେବୀଙ୍କ ଗର୍ଭଗୃହ ରହିଛି । ଏଠାରେ ଅଷ୍ଟଧାତୁରେ ନିର୍ମିତ ମହାଲକ୍ଷ୍ମୀ, ନବଗ୍ରହ ଏବଂ ବିଶାଳେଶ୍ୱର ମହାଦେବଙ୍କ ବିଗ୍ରହ ବିରାଜମାନ । ୧୯୦୮ ମସିହାରେ ନାଟ୍‌କୋଟି ଚେଟ୍ଟିଆର ଟ୍ରଷ୍ଟ ଏହି ମନ୍ଦିରକୁ ଦ୍ରାବିଡ଼ୀୟ ଶୈଳୀରେ ନବନିର୍ମାଣ କରିଥିଲା। ଛାତ ଉପରେ ନବଗ୍ରହଙ୍କ ଚିହ୍ନ ମଧ୍ୟ ଚିତ୍ରିତ କରାଯାଇଥିଲା।

ମହନ୍ତ ରାଜନାଥ ତିୱାରୀ ସୂଚନା ଦିଅନ୍ତି ଯେ ଭଗବତୀଙ୍କୁ ଧୂପ, ଦୀପ, ପୁଷ୍ପହାର, ମୋତି ଆଭୂଷଣ, ନବୀନ ବସ୍ତ୍ର ସହିତ କୁଙ୍କୁମ ମଧ୍ୟ ଅର୍ପଣ କରାଯାଇଥାଏ। ଭକ୍ତଜନଙ୍କୁ ପ୍ରସାଦ ସ୍ୱରୂପ କୁଙ୍କୁମ ଦିଆଯାଏ। ଭକ୍ତଗଣ ଏଠାରେ ଦାନ, ଜପ ଏବଂ ଯଜ୍ଞ ମଧ୍ୟ କରିଥାନ୍ତି ।

ମନ୍ଦିର ସକାଳୁ ୪ଟା ୩୦ମିନିଟ୍‌ରେ ଖୋଲିଥାଏ ଏବଂ ରାତି ସାଢ଼େ ୧୦ଟାରେ ପହଡ଼ ପଡ଼ିଥାଏ। ପ୍ରତିବର୍ଷ ଭାଦ୍ରବମାସ କୃଷ୍ଣ ପକ୍ଷର ତୃତୀୟା ତିଥିରେ ମାତାଙ୍କ ବାର୍ଷିକ ଶୃଙ୍ଗାର ଏବଂ ପ୍ରତ୍ୟେକ ୧୨ ବର୍ଷରେ ଥରେ କୁମ୍ଭାଭିଷେକ କରାଯାଇଥାଏ।

## କଦଳୀ ନିୟମିତ ଖାଇବା କ୍ଷତିକାରକ !

କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ



ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ୍ୟ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।

# ଯୁବ ପିଢ଼ି ଓଡ଼ିଶା ଭବିଷ୍ୟତର ପ୍ରକୃତ ସ୍ଥପତି

**ଭୁବନେଶ୍ୱର,୨।୪ (ମହାଭାରତ):** ଓଡ଼ିଶାର ଯୁବ ପୀଢ଼ି ରାଜ୍ୟର ଭବିଷ୍ୟତର ପ୍ରକୃତ ସ୍ଥପତି ବୋଲି ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ରାଜଭବନରେ ଆୟୋଜିତ ଓଡ଼ିଶା ଦିବସ ପାଳନ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହା କହିବା ସହିତ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଠନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଅଧିକ ଦୃଢ଼ କରିବାକୁ ଆହ୍ୱାନ ଜଣାଇଛନ୍ତି। ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀ ଏବଂ ବାହାରେ ରହୁଥିବା ଓଡିଆମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ଦିବସ ଗର୍ବ ଓ ଆନନ୍ଦର ମୁହୂର୍ତ୍ତ। ଏହା ଏପରି ଏକ ଦିନ ଯେତେବେଳେ ରାଜ୍ୟର ଗୌରବମୟ ଅତୀତକୁ କେବଳ ସ୍ମୃତିଚାରଣ କରାଯାଏ ନାହିଁ, ଏହା ସହିତ ବର୍ତ୍ତମାନ ଏବଂ ପ୍ରତିଶ୍ରୁତିବଦ୍ଧ ଭବିଷ୍ୟତ ମଧ ଚିନ୍ତା କରାଯାଏ। ଏହି ଅବସରରେ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଅନନ୍ୟ ଅବଦାନ ରଖିଥିବା ଓଡ଼ିଶାର ସୁଯୋଗ୍ୟ ସନ୍ତାନମାନଙ୍କୁ ରାଜ୍ୟପାଳ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ରାଜ୍ୟପାଳ କହିଥିଲେ ଯେ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଦ୍ୱାରା ପ୍ରତିପାଦିତ ସାଂସ୍କୃତିକ ଐତିହ୍ୟ ସମଗ୍ର ବିଶ୍ୱକୁ ପ୍ରେରଣା ଦେଇଚାଲିଛି। ଓଡ଼ିଶାର ଚମତ୍କାର ହସ୍ତତନ୍ତ, ଜନଜାତି କଳା ଏବଂ ସମୃଦ୍ଧ ଲୋକ କଳା ପରଂପରା ରାଜ୍ୟର ପରିଚୟକୁ ସ୍ୱତନ୍ତ୍ର କରିଛି। ବର୍ତ୍ତମାନ ଓଡ଼ିଶା କେବଳ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଭୂମି ନୁହେଁ, ଏହା ବର୍ତ୍ତମାନ ଅପାର ସମ୍ଭାବନାର ଭୂମି। ଏହାର ଅବସ୍ଥିତି, ବିଶାଳ ପ୍ରାକୃତିକ ସଂପଦ, ମାନବ ସମ୍ବଳ ପାଇଁ ଓଡ଼ିଶା ଏକ ପ୍ରମୁଖ ଅର୍ଥନୈତିକ କେନ୍ଦ୍ର ଭାବେ ଉଭା ହୋଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ରାଜ୍ୟର ବିପୁଳ ଶିଳ୍ପ ସମ୍ଭାବନାକୁ ପ୍ରଦର୍ଶନ କରିଛି ଏବଂ ବିଭିନ୍ନ କ୍ଷେତ୍ରରେ ନିବେଶକୁ ଆକର୍ଷିତ କରିଛି।

ରାଜ୍ୟପାଳ କହିଥିଲେ ଯେ ଓଡ଼ିଶାରେ ବନ୍ଦର, ରାଜପଥ ଏବଂ ସ୍ମାର୍ଟ ସିଟି ବିସ୍ତାର ହେଉଛି। ପର୍ଯ୍ୟଟନ ଶିଳ୍ପ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରୁଛି। ଓଡ଼ିଶା ଶିଳ୍ପାୟନରେ ଉତ୍କର୍ଷ ହାସଲ କରୁଥିବା ବେଳେ ସମାବେଶୀ ବିକାଶ ମଧ ସୁନିଶ୍ଚିତ କରାଯିବା ଆବଶ୍ୟକ ଯାହା ଦ୍ୱାରା ଏହାର ଲାଭ ପ୍ରତ୍ୟେକ ନାଗରିକ ପାଖରେ ପହଂଚି ପାରିବ। ଓଡ଼ିଶାର ପ୍ରକୃତ ଶକ୍ତି ହେଉଛି ଏହାର ଲୋକମାନେ, ଯେଉଁମାନେ ଦୃଢ଼ ପ୍ରତିଜ୍ଞ, ପରିଶ୍ରମୀ ଏବଂ ଆଗୁଆ ଚିନ୍ତାଧାରା ସଂପନ୍ନ। ସ୍ଥିରତା, ସକ୍ରିୟ ଶାସନ, ନବ ସୃଜନ ଓଡ଼ିଶାକୁ ବିଶ୍ୱର ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଆଡକୁ ଆଗେଇ ନେଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ଯୁବପୀଢ଼ିଙ୍କର ଶକ୍ତି, ପ୍ରତିଭା ଏବଂ ଆକାଂକ୍ଷା ନୂଆ ସମ୍ଭାବନାକୁ ଆକାର ଦେଉଛି। ଦକ୍ଷତା ବିକାଶ, ଉଦ୍ୟମିତା ଏବଂ ଡିଜିଟାଲ ରୂପାନ୍ତରଣ ଉପରେ ସରକାରଙ୍କ ଗୁରୁତ୍ୱ ଯୁବମାନସକୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ ଦିଗରେ ସଶକ୍ତ କରୁଛି। ଓଡ଼ିଶାର ଷ୍ଟାର୍ଟ ଅପ୍ ଇକୋସିଷ୍ଟମ ସମୃଦ୍ଧ ହେଉଛି ଏବଂ ମହିଳାମାନଙ୍କ ନେତୃତ୍ୱରେ ଉଦ୍ୟୋଗ ଗୁଡ଼ିକର ଉତ୍‌ଥାନ ସମାବେଶୀ ଅଭିବୃଦ୍ଧିର ପ୍ରମାଣ ଅଟେ ବୋଲି ରାଜ୍ୟପାଳ କହିବା ସହିତ କେବଳ ବିକଶିତ ନୁହେଁ ବରଂ ଓଡ଼ିଶାକୁ ଉତ୍କର୍ଷ, ନବସୃଜନ ଏବଂ ନେତୃତ୍ୱର ଏକ ଆଲୋକ ବର୍ତ୍ତିକା ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ। ଓଡ଼ିଶାର ଫାଷ୍ଟଲେଡି ଜୟଶ୍ରୀ କମ୍ଭମ୍ପାଟି ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି ସମାରୋହରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଅଧ୍ୟାପକ ବିଶ୍ୱରଂଜନ ନିଜ ବକ୍ତବ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନର ଇତିବୃତ୍ତି, ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ, ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତର ଆହ୍ୱାନ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବାବେଳେ ସମ୍ମାନନୀୟ ଅତିଥିଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଂଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ପ୍ରିନ୍‌ସିପାଲ ଏକାଉଂଟାଂଟ ଜେନେରାଲ (ଏ ଆଣ୍ଡ ଇ), ଡି. ସାହୁ, କଷ୍ଟମସ୍ କମିଶନର ମାଧବ ଚନ୍ଦ୍ର ମିଶ୍ର ପ୍ରମୁଖ ଓଡ଼ିଶା ଦିବସ ପାଳନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ପଣ୍ୟ ବୋଝେଇରେ ପୂର୍ବତଟ ରେଳପଥର ରେକର୍ଡ

**ଭୁବନେଶ୍ୱର,୨।୪ (ମହାଭାରତ):** ଭାରତୀୟ ରେଳବାଇର ପ୍ରଥମ ଜୋନ୍ ଭାବେ ୨୫୯ ନିୟୁତ ଟନ୍ ମୂଳ ପଣ୍ୟ ପରିବହନକୁ ଅତିକ୍ରମ କରିଛି। ଏହି ସମୟ ମଧ୍ୟରେ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ (ଏସଇସିଆର) ୨୫୩.୨୦୮ନିୟୁତ ଟନ୍, ଦକ୍ଷିଣ ପୂର୍ବ ରେଳପଥ (ଏସଇଆର) ୨୧୨.୩୬୧ନିୟୁତ ଟନ୍ ଏବଂ ପୂର୍ବ କେନ୍ଦ୍ରୀୟ ରେଳପଥ (ଇସିଆର) ୨୦୨.୬୨ନିୟୁତ ଟନ୍ ପଣ୍ୟ ପରିବହନ କରିଛି। ପୂର୍ବ ରେକର୍ଡକୁ ଅତିକ୍ରମ କରି ପୂର୍ବତଟ ରେଳପଥ ପକ୍ଷରୁ ଯେକୌଣସି ଜୋନ୍ ଦ୍ୱାରା ସର୍ବାଧିକ ମାଲ ପରିବହନ। ପୂର୍ବତଟ ରେଳପଥ ୨୫୯ ନିୟୁତ ଟନ୍ ପଣ୍ୟ ପରିବହନ ସୀମା ଅତିକ୍ରମ କରିବାରେ ଦେଶର ପ୍ରଥମ ରେଳ ଜୋନ୍ ହୋଇଛି, ଯାହା ମାଲ ପରିବହନରେ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଏହି ସଫଳତା ପୂର୍ବ ବର୍ଷ ତୁଳନାରେ ୩.୦୩୪ ନିୟୁତ ଟନ୍ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ, ପୂର୍ବତଟ ରେଳପଥ ବ୍ୟତୀତ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ ସୀମା ଅତିକ୍ରମ କରିଥିବା ଜୋନାଲ ରେଳବାଇ ଗୁଡିକ ହେଲା ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ (ଏସଇସିଆର) ୨୫୩.୨୦୮ ନିୟୁତ ଟନ୍, ଦକ୍ଷିଣ ପୂର୍ବ ରେଳପଥ (ଏସଇଆର) ୨୧୨.୩୬୧ ନିୟୁତ ଟନ୍ ଏବଂ ପୂର୍ବ କେନ୍ଦ୍ରୀୟ ରେଳପଥ (ଇସିଆର) ୨୦୨.୬୨ନିୟୁତ ଟନ୍ ସୀମା ଉତ୍ତୀର୍ଣ୍ଣ କରିଛି। ପୂର୍ବତଟ ରେଳପଥ ଲଗାତାର ଭାବେ ଷଷ୍ଠ ବର୍ଷ ପାଇଁ ୨୦୦ ନିୟୁତ ଟନ୍ ସୀମା ଅତିକ୍ରମ କରିବାର ଏକ ଐତିହାସିକ ସଫଳତା ବଜାୟ ରଖି ପଣ୍ୟ ପରିବହନ କାର୍ଯ୍ୟରେ ନିରନ୍ତର ଭାବେ ତା'ର ଶକ୍ତି ପ୍ରଦର୍ଶନ ଜାରି ରଖିଛି।

# ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଆରମ୍ଭ

**ଭୁବନେଶ୍ୱର,୨।୪ (ମହାଭାରତ):** ରାଜ୍ୟରେ ଆଜିଠାରୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟରେ ଆୟୋଜିତ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିସହିତ ସେ ପିଲାଙ୍କୁ ପୋଷଣଯୁକ୍ତ ମାଣ୍ଡିଆ ଲଡୁ ବାଣ୍ଟିଛନ୍ତି ଏବଂ ନବମ ଓ ଦଶମ ପିଲାଙ୍କ ମଧ୍ୟାହ୍ନ ଭୋଜନର ମଧ ଶୁଭାରମ୍ଭ କରିଛନ୍ତି। ଯେଉଁଥିରେ ରାଜ୍ୟର ୧୦ ଲକ୍ଷ ୮୦ ହଜାର ପିଲା ଉପକୃତ ହେବେ ମନ୍ତ୍ରୀ କହିଛନ୍ତି।



ରାଜ୍ୟର ସମସ୍ତ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ମଧ୍ୟାହ୍ନ ଭୋଜନ ଖାଇବା ସମୟରେ ପ୍ରଦାନ କରାଯିବ। ପିଲାଙ୍କୁ ସ୍କୁଲରେ ମୋଟ ୩ଟି ପୁଷ୍ଟିକର ଲଡୁ ସହ ଗୋଟିଏ ଅତିରିକ୍ତ ଅଣ୍ଡା ଦିଆଯିବ। ଶିଶୁବାଟିକା ଠାରୁ ଦଶମ ପର୍ଯ୍ୟନ୍ତ ସମସ୍ତ ପିଲା ଏଥିରେ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୫୭୦.୭୧ କୋଟି ଟଙ୍କା ବ୍ୟୟ କରିବେ। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ବଜେଟରୁ ଏହି ଖର୍ଚ୍ଚ କରାଯିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୁର୍ବରୁ ସୂଚନା ଦିଆଯାଇଛି। ପ୍ରଥମରୁ ଦଶମ ଛାତ୍ରଛାତ୍ରୀମାନଙ୍କୁ ସୋମବାର, ବୁଧବାର, ଶୁକ୍ରବାର ଅଣ୍ଡା ଦିଆଯିବା ସହିତ ମଙ୍ଗଳବାର, ଗୁରୁବାର, ଶନିବାର ପୋଷଣଯୁକ୍ତ ଲଡୁ ମଧ୍ୟାହ୍ନ ଭୋଜନାରେ ଦିଆଯିବ। ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅନୁସାରେ ମିଳିବ।

# ଉତ୍କଳ ଗୌରବ ମଧୁସୁଦନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ

**ଭୁବନେଶ୍ୱର,୨।୪ (ମହାଭାରତ):** ଭୁବନେଶ୍ୱର ରାଜଭବନ ଛକରେ ଥିବା ଉତ୍କଳ ଗୌରବ ମଧୁସୁଦନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ବହୁ ସଦସ୍ୟ ଓ ବିଧାୟକ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ, ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ, ଭୁବନେଶ୍ୱର ଏକ୍ରାମ ବାବୁ ସିଂହ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଭୁବନେଶ୍ୱର ମହାନଗରୀରେ ଡାକବାଜି ଯନ୍ତ୍ର ଦ୍ୱାରା ଉତ୍କଳ ବନ୍ଦନା ପ୍ରୀତି ସଂଗୀତ ସଂଗୀତ ଗାନ କରାଯାଇ ସକାଳ ୬ ଟାରୁ ସହର ସାରା ପରିବେଶଣ କରାଯାଇଥିଲା। ସେହିପରି ଉତ୍କଳ ସମ୍ମିଳନୀ ପକ୍ଷରୁ ବିଭିନ୍ନ ବରପୁତ୍ର



ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଆଦିତ୍ୟ କୁମାର ପାତ୍ର ଙ୍କ ନେତୃତ୍ୱରେ, ସାଧାରଣ ସମ୍ପାଦକ, ରବୀନ୍ଦ୍ର କୁମାର ମିଶ୍ର, ଉପସଭାପତି, ଉମାରାଣୀ ମହାନ୍ତି, କୋଷାଧ୍ୟକ୍ଷ, ଭୀମସେନ ମହାପାତ୍ର, ଭୁବନେଶ୍ୱର ଶାଖା ଉପସଭାପତି ନିରଞ୍ଜନ ପଣ୍ଡା ଙ୍କ ପରିଚାଳନାରେ ଆଇଏ ଏସ କ୍ଲବ ୬ ନମ୍ବର ଠାରୁ ଏକ ଶୋଭାଯାତ୍ରା ବାହାରି ରାଜଭବନ ଛକ ଠାରେ ପହଂଚିଥିଲା। ସେଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଗୋପବନ୍ଧୁ ଛକ ଠାରେ ଉତ୍କଳମଣି ଗୋପବନ୍ଧୁ, ବିଜେବି ନଗର ଠାରେ ପାରଳା ରଜା, ରସୁଲଗଡ ଠାରେ ଶୁଭାଷ ବୋଷ, ୀରସୁରେନ୍ଦ୍ରସାଏ ନଗର ଠାରେ ବୀରସୁରେନ୍ଦ୍ରସାଏ ପ୍ରତିମୂର୍ତ୍ତି, ବାଣୀବିହାର ଠାରେ ଫକୀରମୋହନ ସେନାପତି ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କଳିଙ୍ଗ ହସ୍ପିଟାଲ ଛକ ଠାରେ ସ୍ୱଭାବ କବି ଗଙ୍ଗାଧର ମେହେର, ଲକ୍ଷ୍ମଣ ନାଏକ, ଜୟଦେବ ବିହାର ଛକ ଠାରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ବିରେନ ମିତ୍ର, ଶ୍ରୀ ଜୟଦେବ, ପାୱାର ହାଉସ ଛକ ଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ରାଜେନ୍ଦ୍ର ନାରାୟଣ ସିଂହ ଦେଓ, ପଣ୍ଡିତ ନୀଳକଣ୍ଠ ଦାସ, କବିବର ରାଧାନାଥ ରାୟ, କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର, ପଣ୍ଡିତ ଗୋଦାବରୀଶ ମିଶ୍ର, କର୍ମବୀର ଗୌରୀଶଙ୍କର ରାୟ, ନବକୃଷ୍ଣ ଚୌଧୁରୀ ଓ ଚଖି ଖୁଣ୍ଟିଆ। ପ୍ରଭୃତି ବରପୂତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୋପବନ୍ଧଉ ଛକଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ କୃଷି ବିଶ୍ୱ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅଧ୍ୟାପକ ମାନେ ଏବଂ ବାଣୀ ବିହାର ଠାରେ ଫକୀର ମୋହନ ଓ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ବାଣୀ ବିହାର ଛାତ୍ରଛାତ୍ରୀ ଓ ଅଧ୍ୟାପକ ତାଙ୍କ ଛାତ୍ର ଛାତ୍ରୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଓଡ଼ିଶା ଆଇଟି ଉଦ୍ୟୋଗର କେନ୍ଦ୍ରସ୍ଥଳୀ ହେବ

**ଭୁବନେଶ୍ୱର,୨।୪ (ମହାଭାରତ):** କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ଦିବସ ସମାରୋହକୁ ସମ୍ବୋଧିତ କରିଛନ୍ତି। ସମସ୍ତଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟର ପ୍ରଗତି ଗତିଶୀଳ ହୋଇଛି। ରାଜ୍ୟକୁ ମିଳୁଥିବା ରେଳ ଅନୁଦାନ ଚାରି ଗୁଣ ବୃଦ୍ଧି ପାଇଛି। ଗତ ତିନି ବର୍ଷ ଧରି ମୋଦୀ ସରକାର ଓଡ଼ିଶାକୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ଲେଖାଏଁ ରେଳ ଅନୁଦାନ ଯୋଗାଇ ଦେଇଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ, ଓଡ଼ିଶାକୁ ଆଇଟି ଉଦ୍ୟୋଗର କେନ୍ଦ୍ରସ୍ଥଳୀରେ ପରିଣତ କରିବା ଲାଗି ଯୋଜନା କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଭୁବନେଶ୍ୱର ରେଳ ଷ୍ଟେସନରେ ନିର୍ମାଣାଧୀନ ଅଟ୍ଟାଳିକାର ପ୍ରଥମ ଚାରିଟି ମହଲାକୁ ରେଳବାଇ କାର୍ଯ୍ୟରେ ଉପଯୋଗ କରାଯିବ। ପଞ୍ଚମରୁ ଏକାଦଶ ମହଲାକୁ ଆଇଟି ଉଦ୍ୟୋଗକୁ ସମର୍ପିତ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ।



କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରାଥମିକତା ଦେଉଛନ୍ତି। ପୂର୍ବରୁ ରାଜ୍ୟର ବିକାଶ ଅତି ମନ୍ଥର ଗତିରେ ହେଉଥିଲା। ଏବେ କିନ୍ତୁ ବନ୍ଦେ ଭାରତ ବେଗରେ ଓଡ଼ିଶାର ବିକାଶ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଦୁଇ ହଜାର କିଲୋମିଟର ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି। ମାଲେସିଆ ଭଳି ଦେଶର ମୋଟ୍ ରେଳ ନେଟୱର୍କର ଆକାର ଯେତିକି ତା'ଠାରୁ ଅଧିକ ରେଳ ଟ୍ରାକ୍ ଓଡ଼ିଶାରେ ନିର୍ମାଣ କରାଯାଇଛି।

ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାକୁ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି। ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଆହୁରି ଅଧିକ ବନ୍ଦେ ଭାରତ ଟ୍ରେନ ଚଳାଚଳ କରାଯିବ। ତୃତୀୟ କାର୍ଯ୍ୟକାଳରେ ରାଜ୍ୟର ତିନି ଗୁଣ ଅଧିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଶ୍ରୀ ବୈଷ୍ଣବ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପୋଲିସର ୯୦ତମ ପ୍ରତିଷ୍ଠା ଦିବସ



**କଟକ,୨।୪ (ମହାଭାରତ):** ଓଡ଼ିଶା ପୋଲିସର ୯୦ତମ ପ୍ରତିଷ୍ଠା ଦିବସ ଆଜି କଟକ ବକ୍ସିବଜାର ପୋଲିସ ପଡ଼ିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆଙ୍କ ସମେତ ବହୁ ବରିଷ୍ଠ ଆଇପିଏସ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଅନୁଷ୍ଠିତ ପ୍ୟାରେଡରେ ଉତ୍ସବରେ ଡିଜି ଅଭିବାଦନ ଗ୍ରହଣ କରିଥିଲେ ଏବଂ ସଫଳ ପୋଲିସ ଅଧିକାରୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ଅପରାଧ ନିୟନ୍ତ୍ରଣ ଓ ମାଓ ଦମନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁଲିସ ପ୍ରତିଷ୍ଠା ଦିବସରେ ଡିଜିପ ଭାଷଣ ଦେଇ କହିଥିଲେ ଯେ, ଦିନକୁ ଦିନ ଓଡ଼ିଶା ପୋଲିସର ଦାୟିତ୍ୱ ଓ ଚ୍ୟାଲେଞ୍ଜ ବଢ଼ିଥିବା ବର୍ଣ୍ଣନା କରି ଏହାକୁ ସଫଳତାର ସହିତ ମୁକାବିଲା କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶା ପୁଲିସକୁ ସକ୍ରିୟ କରିବା ପାଇଁ ଖାଲି ଥିବା ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଉଛି। ଅଧିକ ଆଇଅର୍ ବାଟାଲିୟନ ପ୍ରତିଷ୍ଠା ଦିଗରେ ସରକାର ଗୁରୁତ୍ୱ ଦେଇଥିବା ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ସୂଚନା ଦେଇଛନ୍ତି। ପ୍ରଚଳିତ ନୂତନ ପୋଲିସ ଆଇନକୁ ସଠିକ୍ ରୂପେ କାର୍ଯ୍ୟକାରୀ କରିବା ଦିଗରେ ପୋଲିସ ଆଗଉଛି ବୋଲି ସେ କହିଥିଲେ।

# ଓଡ଼ିଶାର ନିଜସ୍ୱ ଏକ ସ୍ୱତନ୍ତ୍ର ଏବଂ ସମୃଦ୍ଧ ଭାଷା, ସଂସ୍କୃତି ରହିଆସିଛି

**ଭୁବନେଶ୍ୱର,୨।୪ (ମହାଭାରତ):** ଏପ୍ରିଲ ୧ ତାରିଖ ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ ଦିବସ। ଓଡ଼ିଆ ଭାଷାଭିତ୍ତିରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଜନ୍ମଲାଭ କରିଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ସବୁ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବାର୍ତ୍ତା ଦେଇ ୧୯୩୬ ମସିହାର ଆଜିର ଦିବସରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇଥିଲା। ଯେତେବେଳେ ଭାରତର ଅନ୍ୟ ଅଞ୍ଚଳରେ ଭାଷା ଭିତ୍ତିରେ ରାଜ୍ୟଗଠନ କଥା ଚିନ୍ତା କରିନଥିଲେ ସେତେବେଳେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଢି ତୋଳିବାକୁ ଓଡ଼ିଆ ପୁନର୍ବାର ଆନ୍ଦୋଳନ ଚଳାଇ ଇତିହାସ ସୃଷ୍ଟି କରିଥିଲା ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହକୁ ଉଦଘାଟନ କରି କହିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ଓ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି କହିଲେ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ତ୍ୟାଗ, ବୀରତ୍ୱ ଏବଂ ଗୌରବୋଜ୍ଜ୍ୱଳ କାହାଣୀରେ ପରିପୂର୍ଣ୍ଣ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ପାଇଁ ଉତ୍କଳ ସମ୍ମିଳନୀର ନିରବଚ୍ଛିନ୍ନ ସଂଗ୍ରାମ ଏବଂ ଉତ୍କଳ କୂଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଗଙ୍ଗାଧର ମେହେର, ହରିହର ମର୍ଦ୍ଦରାଜ ଦେବ, ପଣ୍ଡିତ ନୀଳକଣ୍ଠ ଦାସ, କବିବର ରାଧାନାଥ, କର୍ମବୀର ଗୌରୀଶଙ୍କର, ମଧୁସୂଦନ ରାଓ, ନୀଳମଣି ବିଦ୍ୟାରତ୍ନ, ବାଗ୍ମୀ ବିଶ୍ୱନାଥ କର, ଡ଼କ୍ଟର ହରେକୃଷ୍ଣ ମହତାବ ପ୍ରମୁଖ ବରପୁତ୍ରମାନଙ୍କର ତ୍ୟାଗ, ତପସ୍ୟା ଓ ସାଧନାର ଫଳ ସ୍ୱରୂପ ଆମେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିପାରିଛୁ। ସେମାନଙ୍କର ନୀତି, ଆଦର୍ଶ ଓ ଜାତିଭକ୍ତି ଆମର ଅନୁକରଣୀୟ।



ସେହି ଚିରନମସ୍ୟ କୃତି ସନ୍ତାନମାନଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ବାଚସ୍ପତି ଆହୁରି ମଧ କହିଲେ ଯେ ଭାଷାଭିତ୍ତିରେ ଗଠନ ହେବାରେ ଓଡ଼ିଶା ହେଉଛି ସମଗ୍ର ଦେଶରେ ପ୍ରଥମ ରାଜ୍ୟ। ଓଡ଼ିଶାର ନିଜସ୍ୱ ଏକ ସ୍ୱତନ୍ତ୍ର ଏବଂ ସମୃଦ୍ଧ ଭାଷା ତଥା ସଂସ୍କୃତି ରହି ଆସିଛି। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ସାଙ୍ଗକୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଉତ୍କଳ ସମ୍ମିଳନୀର ପ୍ରତି ପ୍ରୟାସ ଯୋଗୁ ଆମେ ଆଜି ସ୍ୱତନ୍ତ୍ର ଓଡିଶା ଭୂଖଣ୍ଡ ପାଇଛୁ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ବୀରତ୍ୱର କାହାଣୀ ଓଡ଼ିଆ ଜାତିକୁ ଗୌରବ ମଣ୍ଡିତ କରିଛି। ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷ ପାଇଁ ବିଶ୍ୱ ଦରବାରରେ ଆମର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶା ପ୍ରଗତି ଓ ପରମ୍ପରାରେ ସବୁବେଳେ ବିଶ୍ୱାସ ରଖିଆସିଛି। ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଳ ଓ ଦକ୍ଷ ମାନବସମ୍ବଳର ଉପଯୋଗରେ ଆମ ରାଜ୍ୟ ଏକ ପ୍ରଗତିଶୀଳ ଅଗ୍ରଣୀ ରାଜ୍ୟର ମାନ୍ୟତା ଲାଭ କରିଛି। ସମସ୍ତ କ୍ଷେତ୍ରରେ ପ୍ରଗତି ଆଣି ଆଜି ଓଡ଼ିଶା ବିଶ୍ୱ ଦରବାରରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଜିର ଏହି ଶୁଭ ଅବସରରେ ଆମେ ସମସ୍ତେ ଆମର ପୂର୍ବସୂରୀ ମାନମାନଙ୍କ ଧୌର୍ଯ୍ୟ ସାହସ, ପ୍ରତିବଦ୍ଧତା ଓ ସକରାତ୍ମକ ମନୋଭାବକୁ ଅନୁସରଣ କରିବାକୁ ମୁଁ ଆହ୍ୱାନ କରୁଛି। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବିଧାନ ସଭାର ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ସେମାନଙ୍କ ବକ୍ତ୍ୟବରେ କହିଥିଲେ ଯେ ଅଗଣିତ ଓଡ଼ିଆଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଓ ନିଃସ୍ୱାର୍ଥପର ନେତୃତ୍ୱ, ତ୍ୟାଗ ଓ ସାଧନାର ଫଳସ୍ୱରୂପ ଓଡ଼ିଶା ଆଜି ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଛି। ଏହି ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ଯେଉଁ ବରପୁତ୍ରମାନଙ୍କର ନିଷ୍ଠାପର ଅବଦାନ ରହିଛି ସେମାନଙ୍କୁ ଏ ଜାତି ସବୁଦିନେ ସ୍ମରଣ କରୁଥିବ। ଏ ମାଟି ପ୍ରତି ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିବା ସହ ଆମ ବରପୁତ୍ରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶାର ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ଇତିହାସ କହେ ଆମର ଗୋଟିଏ ବଡ଼ ସାମ୍ରାଜ୍ୟ ଥିଲା।

## ଜନ ପ୍ରତିନିଧିଙ୍କ ଆଚରଣ

ସମସ୍ୟା ଏବଂ ଅଭିଯୋଗ ସମ୍ପର୍କରେ ସେମାନେ ଜନ ପ୍ରତିନିଧିଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ନିଜ କଥା ଉପସ୍ଥାପନ କରିବାକୁ ସଂସଦ ବା ବିଧାନସଭା ହେଉଛି ଶ୍ରେଷ୍ଠ ମାଧ୍ୟମ। ତେଣୁ ଏହାକୁ ଜନତାଙ୍କ ଦରବାର କହିଲେ ଭୁଲ ହେବ ନାହିଁ। ଏହା ଲୋକଙ୍କର, ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା। ଏଠାରେ ଜନ ପ୍ରତିନିଧିମାନେ ରାଜନୈତିକ ବିଚାରଧାରା ଊର୍ଦ୍ଧ୍ୱକୁ ଉଠି ନିଜ ମତ ବ୍ୟକ୍ତ କରିବା ଉଚିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତରେ ସଂସଦ ଏବଂ ବିଧାନସଭା ରାଜନୀତିର ରଣକ୍ଷେତ୍ର ପାଲଟି ଯାଇଛି। ପ୍ରତ୍ୟେକ ନିର୍ବାଚିତ ଜନ ପ୍ରତିନିଧି ଦଳୀୟ ଚିନ୍ତାଧାରାରେ କାର୍ଯ୍ୟ କରୁଛନ୍ତି। ନିଜ ମୌଳିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସେମାନେ ଭୁଲି ଯାଉଛନ୍ତି। ଛୋଟ ଛୋଟ ପ୍ରସଙ୍ଗରେ ଗୃହରେ ଯେପରି ହଟ୍ଟଗୋଳ ହେଉଛି ଏବଂ ଗୃହ ବାରମ୍ବାର ମୁଲତବି ହେଉଛି ସେଥିରେ ସାଧାରଣ ଲୋକର ସ୍ୱର ହଜି ଯାଉଛି। ଅନେକ ଜନ ପ୍ରତିନିଧି ଚାହିଁଲେ ମଧ୍ୟ ଗୃହରେ ନିଜ ମତ ବା ବକ୍ତବ୍ୟ ରଖିବାକୁ ସୁଯୋଗ ପାଉ ନାହାଁନ୍ତି। ଅନେକ ସମୟରେ ବଜେଟ ଉପରେ ବିତର୍କ ମଧ୍ୟ ହେଉନାହିଁ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ ହେଉଛି। ଲୋକଙ୍କ ପ୍ରଶ୍ନର ଉତ୍ତର ସରକାର ଗୃହରେ ଉପସ୍ଥାପନ କରିବାର ସୁଯୋଗ ପାଉ ନାହାଁନ୍ତି। ଯେ କୌଣସି ଦଳ କେନ୍ଦ୍ର ବା ରାଜ୍ୟରେ କ୍ଷମତାରେ ବା ବିରୋଧୀ ଦଳ ଆସନରେ ରହନ୍ତୁ ନା କାହିଁକି ପରିସ୍ଥିତି ଅପରିବର୍ତ୍ତିତ ରହୁଛି। ଅନେକ ସମୟରେ ଶାସକ ଦଳ ସଭ୍ୟମାନେ ମଧ୍ୟ ଗୃହରେ ହଟ୍ଟଗୋଳ କରି ଅଚଳାବସ୍ଥା ସୃଷ୍ଟି କରିବାର ନଜିର ଦେଖିବାକୁ ମିଳୁଛି। ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଛୋଟ ଛୋଟ ପ୍ରସଙ୍ଗରେ ବିଧାନସଭାରେ ଏପରି ହଟ୍ଟଗୋଳ ହେଉଛି ଯେ, ବାଚସ୍ପତିଙ୍କୁ ବାରମ୍ବାର ଗୃହକୁ ମୁଲତବି ରଖିବାକୁ ପଡୁଛି। ବିଧାନସଭାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କ୍ୱଚିତ ଦେଖିବାକୁ ମିଳୁଛି। ମୁଲତବି ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇପାରୁନି। ସମ୍ପ୍ରତି କଂଗ୍ରେସ ବିଧାୟକମାନେ ଗୃହରେ ନାରୀ ନିର୍ଯାତନା ପ୍ରସଙ୍ଗରେ ତୁମୁଳ ହଟ୍ଟଗୋଳ ଜାରି ରଖିଛନ୍ତି। ପ୍ରସଙ୍ଗ ବେଶ ଗୁରୁତର। ଏହାକୁ ଅଣଦେଖା କରାଯିବା ଅନୁଚିତ। କିନ୍ତୁ କଂଗ୍ରେସ ସଭ୍ୟମାନେ ଯେପରି ଭାବେ ଗୃହରେ ଘଣ୍ଟ ବଜାଇ, ବିଭିନ୍ନ ପ୍ରକାର ବାଦ୍ୟ ବଜାଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ତାହା ଅନୁଚିତ। ଏହା କେବଳ ଗୃହର ମର୍ଯାଦା ହାନି କରୁନି, ବିଧାନସଭାର ଗୁରୁତ୍ୱ ହ୍ରାସ କରୁଛି ଏବଂ ଜନ ପ୍ରତିନିଧିଙ୍କ ଦାୟିତ୍ୱ ତଥା ଅଧିକାରକୁ ସଙ୍କୁଚିତ କରୁଛି। ସରକାରଙ୍କ ଦୋଷ ତ୍ରୁଟିକୁ ଦର୍ଶାଇବା, ଏହାକୁ ବିରୋଧ କରିବା, ନ୍ୟାୟ ଦାବି କରିବାର ଅଧିକାର ବିରୋଧୀ ଦଳର ରହିଛି। ଏହା ସେମାନଙ୍କର ଅଧିକାର। କିନ୍ତୁ ବିରୋଧ ଅର୍ଥ ବିଶୃଙ୍ଖଳା ନୁହେଁ। କୌଣସି ପରିସ୍ଥିତିରେ କୌଣସି କ୍ଷେତ୍ରରେ ଶାଳୀନତାର ସୀମା ଅତିକ୍ରମ କରାଯିବା ଅନୁଚିତ। କଂଗ୍ରେସ ବିଧାୟକମାନେ ବିଧାନସଭାରେ ଯେପରି ଭାବେ ଆଚରଣ ପ୍ରଦର୍ଶନ କରୁଛନ୍ତି ତାହା ଅନୁଚିତ। ଏଥିପାଇଁ ବାଚସ୍ପତି ସେମାନଙ୍କୁ ୭ ଦିନ ପାଇଁ ଗୃହରୁ ସସପେଣ୍ଡ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଏହା ଉପରେ ସର୍ବଦଳୀୟ ବୈଠକ ଡକାଯାଇ ସମସ୍ୟାର ଆପୋଷ ସମାଧାନ ହେବା ଉଚିତ। ବିଧାନସଭାକୁ କ୍ଲବ ଘର କରାନଯାଉ। ଗଣତନ୍ତ୍ରର ମନ୍ଦିର ଅପବିତ୍ର ନହେଉ। ବିଧାନସଭା ଅଧିବେଶନ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ଏହାର ସଦୁପଯୋଗ ହେବା ଉଚିତ।

## ଫତୁରାନନ୍ଦଙ୍କ ଚରିତ୍ରର ଅଜ୍ଞାତ ଦିଗ

॥ ରଘୁନାଥ ମହାପାତ୍ର ॥

"ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ୍ୟ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ।"

ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ହାସ୍ୟ ବ୍ୟଙ୍ଗ ଲେଖକ ଫତୁରାନନ୍ଦଙ୍କୁ ସାହିତ୍ୟ ରସପିପାସୁ ପାଠକମାନେ ଭଲ ଭାବରେ ଜାଣନ୍ତି ଚିହ୍ନନ୍ତି। ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାକୁ ପଢ଼ିବା ପାଇଁ ସମସ୍ତେ ଉତ୍କଣ୍ଠିତ ହୋଇ ରହିଥାନ୍ତି। ପତ୍ରିକାଟିଏ ହାତରେ ପଡ଼ିଲେ ପ୍ରଥମେ ସୂଚୀପତ୍ରରେ ଖୋଜନ୍ତି ଫତୁରାନନ୍ଦଙ୍କ ନାଁ। ସେଇ ନାଁଟି ମିଳିଗଲା ପରେ ପତ୍ରିକାର ପୃଷ୍ଠା ଓଲଟାଇ ଲେଖାଟିକୁ ଅଣନିଃଶ୍ୱାସୀ ହୋଇ ପଢ଼ି ପକାନ୍ତି। ଏହା ହିଁ ତାଙ୍କ ଲେଖାର ଆକର୍ଷଣ। ବ୍ୟଙ୍ଗ ଲେଖକ ହିସାବରେ ସେ ହିନ୍ଦୀ ଲେଖକ ହରି ଶଙ୍କର ପରସାୟୀଙ୍କ ସମସାମୟିକ ଏବଂ ତାଙ୍କରି ପରି ପ୍ରତିଭାବାନ। ହିନ୍ଦୀ ସାହିତ୍ୟରେ ପରସାୟୀଙ୍କର ଯେଉଁ ପ୍ରତିଷ୍ଠା ରହିଛି ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦଙ୍କର ତା'ଠାରୁ ଅଧିକ ପ୍ରତିଷ୍ଠା ରହିଛି। ୧୯୬୬ ମସିହାରେ ମୁଁ ପ୍ରଥମେ ଫତୁରାନନ୍ଦ ସହିତ ତାଙ୍କ ଝାଞ୍ଜିରୀମଙ୍ଗଳା ବାସଗୃହରେ ସାକ୍ଷାତ କରିଥିଲି। ସେହି ଦିନ ଠାରୁ ତାଙ୍କ ସହିତ ମୋର ବନ୍ଧୁତା ଏପରି ଘନିଷ୍ଠ ହୋଇଗଲା ଯେ ତାଙ୍କ ମୃତ୍ୟୁ ତା ୬-୧୧-୧୯୯୫ ପର୍ଯ୍ୟନ୍ତ ତାହା ଅବିଚ୍ଛିନ୍ନ ହୋଇ ରହିଥିଲା। ପ୍ରତିଦିନେ ଦୁଇଦିନେ ସଂଧ୍ୟାବେଳେ ମୁଁ ଡଗର ପ୍ରେସକୁ ଯାଇ ତାଙ୍କ ସହିତ ସାକ୍ଷାତ କରୁଥିଲି ଏବଂ ପ୍ରେସର ଭଲ ମନ୍ଦ ବିଷୟରେ ଆଲୋଚନା କରୁଥିଲି। ଦୀର୍ଘଦିନ ତାଙ୍କ ସହିତ ଘନିଷ୍ଠତା ରହିବା ଫଳରେ ତାଙ୍କ ବ୍ୟକ୍ତି ଚରିତ୍ରର କେତୋଟି ଦିଗ ମୁଁ ଦେଖିପାରିଥିଲି ଯାହା ଅନ୍ୟମାନେ ଦେଖିପାରି ନାହାନ୍ତି। ମୁଁ ସେହି ବିଷୟରେ କିଛି ଲେଖି ପାଠକମାନଙ୍କୁ ଜଣାଇବା ପାଇଁ ଚାହୁଁଛି। ୧. ଫତୁରାନନ୍ଦଙ୍କ ବନ୍ଧୁ ବତ୍ସଳତା, ୨. ଫତୁରାନନ୍ଦଙ୍କ ବଦାନ୍ୟତା, ୩. ଅନ୍ୟକୁ ସାହାଯ୍ୟ କରିବାର ଉଦାରତା, ୪. ଗରିବ ଛାତ୍ରଙ୍କୁ ଅର୍ଥଦାନ କରି ପଢ଼ାଇବାର ପ୍ରେରଣାଦାତା, ୫. ପଶୁ ପକ୍ଷୀ ମାନଙ୍କ ପ୍ରତି ତାଙ୍କର ନିବିଡ଼ ଶ୍ରଦ୍ଧା, ୬. ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରୋତ୍ସାହନ ଏହିପରି ଅନେକ ଗୁଡ଼ିଏ ସାତ୍ତ୍ୱିକଗୁଣ ତାଙ୍କ ଠାରେ ପରିଲକ୍ଷିତ ହୁଏ ଯାହା ଅନ୍ୟ ଲୋକମାନଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ସାହିତ୍ୟ ସର୍ଜନା ଆରମ୍ଭ କରିବା ଦିନରୁ ସେ ଗେରୁଆ ଲୁଙ୍ଗି ଓ ଗେରୁଆ ସାର୍ଟ ପିନ୍ଧୁଥିଲେ। ଛାତି ଉପରେ ଗେରୁଆ ରଙ୍ଗର ଚାଦର ଘୋଡେଇ ହେଉଥିଲେ। ତାଙ୍କ ଚେହେରା ଜଣେ ସନ୍ନ୍ୟାସୀ ପରି ଦେଖାଯାଉଥିଲା। ସେ ପିଲାଦିନରୁ ଯୋଗ ଓ ବ୍ୟାୟାମ କରୁଥିବାରୁ ତାଙ୍କ ଶରୀର ଖୁବ୍ ହୃଷ୍ଟପୁଷ୍ଟ ଥିଲା। ତାଙ୍କୁ ଦେଖିଲାମାତ୍ରେ ଯେ କୌଣସି ଲୋକ ତାଙ୍କୁ ଜଣେ ସନ୍ନ୍ୟାସୀ ଛଡ଼ା ଅନ୍ୟ କିଛି ଭାବିବ ନାହିଁ। ଫତୁରାନନ୍ଦ ତାଙ୍କର ଆତ୍ମଜୀବନୀ 'ମୋ ଫୁଟା ଡଙ୍ଗାର କାହାଣୀ' ଲେଖିଛନ୍ତି ସେଥିରେ ନିଜ ବିଷୟରେ ଯାହା ଲେଖି ନାହାନ୍ତି ମୁଁ ସେହି ବିଷୟ ଗୁଡ଼ିକ ଉଲ୍ଲେଖ କରିବାକୁ ଚାହେଁ।

ତାଙ୍କର ବନ୍ଧୁ ବତ୍ସଳତା : ଫତୁରାନନ୍ଦଙ୍କ ବ୍ୟକ୍ତିତ୍ୱରେ ଏକ ଚୁମ୍ବକ ଶକ୍ତି ଥିଲା। ଯେ କୌଣସି ଲୋକ ତାଙ୍କ ପାଖକୁ ଆସି ଦୁଇ ଚାରିପଦ କଥା ହେବ ସେ ଅଜଣା ହେଉ ଅଶୁଣା ହେଉ ତାପରେ ସେ ହୋଇଯିବ ଫତୁରାନନ୍ଦଙ୍କ ବନ୍ଧୁ। କେବଳ ବନ୍ଧୁ ନୁହେଁ ଘନିଷ୍ଠ ବନ୍ଧୁ। ଏହି ସମ୍ପର୍କରେ ମୁଁ କେତେଜଣ ବିଶିଷ୍ଟ ଲେଖକଙ୍କ ନାମ ଉଲ୍ଲେଖ କରୁଛି ପ୍ରଥମ ହେଲେ ଓଡ଼ିଶାର ପ୍ରଥିତଯଶା କବି ଡଃ ଗୋପାଳ ଚନ୍ଦ୍ର ମିଶ୍ର। ସେ ବରାବର ଡଗର ପ୍ରେସକୁ ଆସନ୍ତି ଏବଂ ଫତୁରାନନ୍ଦଙ୍କୁ ରାମନା ବୋଲି ସମ୍ବୋଧନ କରନ୍ତି। ରାସ୍ତା ଉପରୁ ସେ ରାମନା ରାମନା ଡାକଛାଡ଼ି ଡଗର ପ୍ରେସ ଭିତରକୁ ପଶନ୍ତି। ଫତୁରାନନ୍ଦ ନଦେଖି ପାରିଲେ ମଧ୍ୟ କଣ୍ଠ ଶବ୍ଦରୁ ଜାଣି ପାରନ୍ତି ଗୋପାଳ ମିଶ୍ର ଆସିଗଲେ ତେଣୁ ସେ ହସି ହସି କହନ୍ତି 'କହ ନୂଆବୋଉ ଭଉଣୀ ତୁମର ଅଛକି ଆଉ ?' ପାଇଲି ପାଇଲି ରାମନା ଭଉଣୀ ଗୋଟିଏ ପାଇଲି ତମେ ଦେଖିବନି ନେଇ ଆସିବି ଏଠିକି ? ଆରେ ମୋର କ'ଣ ଆଖି ଅଛି ଦେଖିବି ? ତମେ ଦେଖ ତା ପାଇଁ ପୁଣି କବିତା ଲେଖ। ଗୋପାଳ ମିଶ୍ର ଠୋ ଠୋ ହୋଇ ହସନ୍ତି। କହନ୍ତି ରାମନା ଆଉ ଗୋଟିଏ ବଢ଼ିଆ କବିତା ଲେଖିଛି କାଲି ସଂଧ୍ୟାବେଳକୁ ଆଣିବି ଆଜି ବଜାରରେ କାମ ଅଛି ଶୀଘ୍ର ପଳାଉଛି। ଏହି ଗୋପାଳ ମିଶ୍ର ଥିଲେ ସୁଲେଖକ କବି ରେଭେନ୍ସା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ। ଫତୁରାନନ୍ଦଙ୍କ ସହିତ ତାଙ୍କର ଆତ୍ମୀୟତା ବହୁତ ଭଲ ଥିଲା। ଆଉ ଜଣେ ହେଲେ ଜେନାକବି ମୁରାରୀ ମୋହନ ଜେନା। ଫତୁରାନନ୍ଦଙ୍କ ସାନଭାଇ ଡଃ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ। ଘର ତାଙ୍କର ଭଗତପୁର ଗ୍ରାମରେ। ଝାଞ୍ଜିରୀମଙ୍ଗଳା ଓ ଭଗତପୁର ଲଗାଲଗି ହୋଇ ଦୁଇଟି ସାହି। ଶ୍ୟାମସୁନ୍ଦର ମିଶ୍ର ଟିକିଏ ନରମ ସ୍ୱଭାବର କିନ୍ତୁ ମୁରାରୀ ମୋହନ ଟିକିଏ ଉଗ୍ର ସ୍ୱଭାବର। ଫତୁରାନନ୍ଦଙ୍କୁ ସେ ରାମ କକେଇ ବୋଲି ଡାକନ୍ତି। ତାଙ୍କ କବିତା ଡଗରରେ ନ ବାହାରିଲେ ସେ ଦୋଷାରୋପ କରନ୍ତି ଫତୁରାନନ୍ଦଙ୍କ ଉପରେ। ମଝିରେ ମଝିରେ ତାଙ୍କ କବିତା ବାହାରେ। କବିତା ଉପରେ ସେ ନାନା ଦିଗରୁ ଆଲୋଚନା କରନ୍ତି ଏବଂ ତାଙ୍କ କବିତାର ଶ୍ରେଷ୍ଠତା ପ୍ରତିପାଦନ କରନ୍ତି। ତାଙ୍କ ଲେଖା ଯେ କେବଳ ଡଗରରେ ପ୍ରକାଶ ପାଏ ତାହା ନୁହେଁ ଓଡ଼ିଶା ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହୁଏ। ସେ ଜଣେ ଦକ୍ଷ ସାହିତ୍ୟ ସଂଗଠକ। ଉତ୍କଳ ସାହିତ୍ୟ ସମାଜର ସେ କେତେ ବର୍ଷ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରିଥିଲେ। ଫତୁରାନନ୍ଦ ଯେଉଁ ସରସ ସାହିତ୍ୟ ସମିତି ଗଢ଼ିଥିଲେ ସେଥିରେ ମଧ୍ୟ ସେ ସଂପାଦକ ଥିଲେ। ରଜ ଉତ୍ସବ କିପରି ଜାକ ଜମକରେ ପାଳିତ ହେବ ସେଥିପାଇଁ ସେ ଭାରି ତତ୍ପର ହେଉଥିଲେ। ସରସ ସାହିତ୍ୟ ସମିତି ରଜ ଉତ୍ସବରେ ଗବେଷକ ସଚ୍ଚିଦାନନ୍ଦ ମିଶ୍ର ପ୍ରବନ୍ଧ ପଢ଼ିଲାବେଳେ ମୁରାରୀ ବାବୁ ଟିକା ଟିପ୍ପଣୀ ଦେଉଥିଲେ ଯାହାଫଳରେ ଦୁଇଜଣଙ୍କ ଭିତରେ କଳି ଗୋଳ ଲାଗୁଥିଲା ଯାହାକୁ ଫତୁରାନନ୍ଦ ସମାଧାନ କରୁଥିଲେ। ଫତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ୍ୟ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ। ଫତୁରାନନ୍ଦଙ୍କ ସହିତ ତାଙ୍କର ଦୀର୍ଘ ଜୀବନ ଧରି ଦେଖା ସାକ୍ଷାତ ହୋଇ ପାରିଲା ନାହିଁ। ମଝିରେ ମଝିରେ ଗୋଟିଏ ହାସ୍ୟରସାତ୍ମକ ଗଳ୍ପ କିମ୍ବା କବିତା ଡଗରକୁ ପଠାନ୍ତି। ତାହା ଡଗରରେ ପ୍ରକାଶ ପାଏ ସେ କିନ୍ତୁ ବ୍ୟକ୍ତିଗତ ଭାବେ ଆସି ପାରନ୍ତି ନାହିଁ। ଅନେକ ବର୍ଷ ପରେ ଚାକିରୀରୁ ଅବସର ଗ୍ରହଣ କରି ସେ ଆସି କଟକରେ ରହିଲେ। ବକ୍ସି ବଜାର ବଢ଼େଇ ସାହିରେ ତାଙ୍କର ଭଡ଼ାଘର। ସେଇଠୁ ଦିନେ ସେ ଗୋଟିଏ ରିକ୍ସା କରି ଡଗର ପ୍ରେସ୍ ଖୋଜି ପିଠାପୁର ଠାରେ ଆସି ପହଞ୍ଚିଲେ। ସେତେବେଳେ ସମୟ ଅପରାହ୍ନ ପାଞ୍ଚଟା ହେବ। ଛାଇ ଲେଉଟାଣି ବେଳ। ମୁଁ ଅଫିସ ଘରେ ହାତ ନଥିବା ଗୋଟିଏ ଚେୟାରରେ ବସିଥାଏ। ପୁଲିନବାବୁ ରିକ୍ସାରୁ ଓହ୍ଲେଇ ପ୍ରେସ ପିଣ୍ଡା ଉପରକୁ ଉଠିଲେ ଏବଂ ପଚାରିଲେ ଏଇଟା ଡଗର ପ୍ରେସ ତ ? ମୁଁ ସଂକ୍ଷିପ୍ତ ଉତ୍ତର ଦେଲି ହଁ। ରାମବାବୁ ଅଛନ୍ତି ? ଆଜ୍ଞା ଅଛନ୍ତି। ଆଲମାରୀ ପଛପଟରେ ବସିଥିବା ଫତୁରାନନ୍ଦ ମତେ ପଚାରିଲେ କିଏ କି ? ମୁଁ କହିଲି ମୁଁ ଚିହ୍ନି ନାହିଁ। କେବେତ ଆଗରୁ ଦେଖି ନାହିଁ। ପୁଲିନ ବାବୁ ଅଫିସ ଭିତରକୁ ପଶୁ ପଶୁ କହିଲେ ମୁଁ ପୁଲିନ। ପୁଲିନ ବିହାରୀ ରାୟ। ହଠାତ ଫତୁରାନନ୍ଦ ତାଙ୍କ ବସିବା ସ୍ଥାନରୁ ଉଠି ଆସିଲେ ପୁଲିନ ପୁଲିନ ବୋଲି କହି କୁଣ୍ଢାଇ ପକାଇଲେ। ପୁଲିନବାବୁ ଆଖିରୁ ଦୁଇଟୋପା ଆନନ୍ଦ ଅଶ୍ରୁ ଝରି ପଡ଼ିଲା। ପ୍ରାୟ ପଚିଶ ତିରିଶ ବର୍ଷ ପରେ ଦୁଇ ବନ୍ଧୁଙ୍କର ଦେଖା ସାକ୍ଷାତ। ସେ ମିଳନ ଏତେ ଆନନ୍ଦ ଦାୟକ ତାହା ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ। ସେଦିନ ଦୁଇବନ୍ଧୁ ବହୁତ ସମୟ ଧରି ଖୁସି ଆଳାପ କଲେ ହସା ହସି ଅତୀତର ମଧୁର ସ୍ମୃତିକୁ ରୋମନ୍ଥନ କଲେ ସତେ ଯେପରି ମେଡ଼ିକାଲର ଦୁଇଟି ତରୁଣ ଛାତ୍ର ଆନନ୍ଦବିଭୋର ହୋଇ ଆଳାପ କରୁଛନ୍ତି। ଏହି ସାକ୍ଷାତପରେ ପୁଲିନ ବାବୁ ମଝିରେ ମଝିରେ ଡଗରକୁ ଆସି ଫତୁରାନନ୍ଦଙ୍କୁ ସାକ୍ଷାତ କରୁଥିଲେ। ହଠାତ୍ ତାଙ୍କର ଆସିବା ବନ୍ଦ ହୋଇଗଲା ଖବର ବି କିଛି ମିଳିଲା ନାହିଁ। ସେତେବେଳେ ଡଗର ପ୍ରେସରେ ଫୋନ ବି ନଥାଏ କାହା ସହିତ କଥାବାର୍ତ୍ତା କରିବା ପାଇଁ। ଦିନେ ତାଙ୍କର ପୁଅ ଡାକ୍ତର ଫାଲଗୁନି ରାୟ ଡଗରକୁ ଆସି ଫତୁରାନନ୍ଦଙ୍କୁ ଖବର ଦେଲେ ଯେ ବାପାଙ୍କ ଦେହ ଭାରି ଅସୁସ୍ଥ। ଆପଣଙ୍କୁ ଦେଖିବା ପାଇଁ ଖୋଜୁଛନ୍ତି। ଏହି ଖବର ଶୁଣିବାପରେ ଫତୁରାନନ୍ଦଙ୍କ ମୁହଁ ବିଷର୍ଣ୍ଣ ହୋଇଗଲା। ପରଦିନ ଉପର ଓଳି ମତେ କହିଲେ ଗୋଟିଏ ରିକ୍ସା ଡାକ ପୁଲିନକୁ ଦେଖିବାକୁ ଯିବା। ମୁଁ ଗୋଟିଏ ରିକ୍ସା ଡାକି ଆଣିଲି ସାଙ୍ଗ ହୋଇ ବକ୍ସି ବଜାର ବଢ଼େଇ ସାହି ଗଲୁ। ପୁଲିନ ବାବୁଙ୍କ ଭଡ଼ାଘର ଭିତରକୁ ପ୍ରବେଶ କଲୁ। ସେତିକିବେଳେ ପୁଲିନବାବୁ ରୋଗଶଯ୍ୟାରେ ନିସ୍ତେଜ ହୋଇପଡ଼ିଥାନ୍ତି। ତାଙ୍କ ଉପରେ ଧଳା ଚାଦରଟିଏ ଘୋଡେଇ ଦିଆଯାଇଥାଏ। କାନ୍ଥ କଡ଼କୁ ଗୋଟିଏ ଲମ୍ବା ବେଞ୍ଚ ପଡ଼ିଥାଏ ମୁଁ ସେଇଠି ବସିଲି। ଫତୁରାନନ୍ଦ ତାଙ୍କ ପାଦପାଖରେ ଥିବା ଗୋଟିଏ ଚେୟାର ଉପରେ ଯାଇ ବସିଲେ। ତାଙ୍କ ପୁଅ ବାପାଙ୍କୁ ଯେତେ ଡାକିଲେ ତାଙ୍କର କୌଣସି ଉତ୍ତର ମିଳିଲା ନାହିଁ। ଛାତି ଉପରେ ଘୋଡ଼ା ହୋଇଥିବା ଧଳା ଚାଦରଟି ଖାଲି ଉଠୁଥାଏ ପଡୁଥାଏ। ନିଃଶ୍ୱାସ ଘନ ଘନ ଯାଉଥାଏ। ତାଙ୍କ ପୁଅ କହିଲେ ମଉସା ଆପଣ ଡାକନ୍ତୁ କାଳେ ଆପଣଙ୍କ ପାଟି ବାରି ପାରିବେ। ଫତୁରାନନ୍ଦ ଧୀର କଣ୍ଠରେ ଡାକିଲେ ପୁଲିନ.....ପୁଲିନ ଏଇ ଦେଖ ମୁଁ ରାମ ଆସିଛି। ଅଣ୍ଟାଳି ଅଣ୍ଟାଳି ତାଙ୍କ ଶରୀର ଉପରେ ହାତ ପକାଇଲେ। ସେ ଡାକରେ କି ଅମୃତ ସ୍ପର୍ଶ ଥିଲା କେଜାଣି ପୁଲିନ ବାବୁଙ୍କ ନିଷ୍ପ୍ରଭ ଆଖି ଦୁଇଟି ମୁହୂର୍ତ୍ତକ ପାଇଁ ଖୋଲିଗଲା। ଫତୁରାନନ୍ଦଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହିବାକୁ ଲାଗିଲା। କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ପୁଲିବ ବୋଲି ଆଉ ଡାକି ପାରିଲେ ନାହିଁ। ମୁଁ ସେତେବେଳେ ଲକ୍ଷ୍ୟ କରୁଥିଲି ଦୁଇଜଣଙ୍କ ବନ୍ଧୁତ୍ୱର ନିବିଡ଼ତା ଆହା କି ହୃଦୟ ବିଦାରକ ସେହି ଦୃଶ୍ୟ। ମୋ ଆଖିରୁ ମଧ୍ୟ ଲୁହ ଝରି ପଡ଼ିଲା। ସେଠାରୁ ଉଠି ମୁଁ ବାହାରକୁ ଚାଲି ଆସିଲି।

## ଜଳବାୟୁ ପ୍ରଦୂଷଣ ଓ ବେକାରୀ ସମସ୍ୟା

॥ ଅଜୟ କୁମାର ବେହେରା ॥

ଜାପାନ ଶିଳ୍ପପତିଙ୍କୁ ଓଡ଼ିଶା ଆଣିବା ପୂର୍ବରୁ ଭାବନ୍ତୁ। ଶିଳ୍ପ ପାଇଁ ଭିତ୍ତିଭୂମି ପାଇଁ ସ୍ଥାନ, ସ୍ଥାନକୁ ରାସ୍ତା ପଥ, ଶିଳ୍ପକୁ କଞ୍ଚାମାଲ, ଜଳ, ବିଦ୍ୟୁତ ଯୋଗାଇବାକୁ ପଡ଼ିବ। ଶିଳ୍ପ ଜାତ ଦ୍ରବ୍ୟକୁ କଞ୍ଚାମାଲର ଉତ୍ସ ଖଣି। ଖଣିରୁ ଉତ୍ତୋଳନ ଦ୍ରବ୍ୟ ଯାହା ମିଳିବ ତାହା ସେ ଶିଳ୍ପରେ ପୂର୍ଣ୍ଣ ଲାଗିବ ନା ତାର ଅଂଶ ତାଙ୍କ ଦେଶକୁ ଆଳ କରି ରପ୍ତାନୀ କରିବେ। ପୁଣି ଉତ୍ପାଦିତ ଶିଳ୍ପଜାତ ଦ୍ରବ୍ୟକୁ ପୂର୍ଣ୍ଣ ଭାରତ ଭୂଖଣ୍ଡରେ ବିକ୍ରୟ ବ୍ୟବସ୍ଥା ରଖିବେ ନା ଉତ୍ପାଦିତ ବସ୍ତୁର ଅର୍ଦ୍ଧ ପ୍ରସ୍ତୁତକୁ ପୁଣି ତାଙ୍କ ଦେଶକୁ ପଠାଇ ସେଠାରୁ ଦରକାରୀ ଷ୍ଟିଲର ପୁଣି ଆମ ଦେଶକୁ ବିକ୍ରୟ କରିବେ। ଯେମିତି କମ୍ପାନୀମାନେ ଆମ ଦେଶରୁ ଲୁଣ ଧଳାକୁ ବନ୍ଦ କରି ତାଙ୍କ ଦେଶରୁ ଲୁଣ ଆଣି ଆମକୁ ବାଧ୍ୟକରି ବିକ୍ରୟ କଲେ ଆମ ମାଟିଆ ଲୁଣକୁ ସଫାକରି ବିକ୍ରୟ କରି ଧନ୍ଦା ଚାଳନା କରୁଥିଲେ। ପୁଣି ଏ ସମୟ ଅଟୋମେଟିକ ମେସିନ ବହୁ ଶ୍ରମିକଙ୍କର ବୃତ୍ତି ରଦ୍ଧ କରୁଛି। ଏପରି ଅଟୋମେଟିକ ମେସିନର ଅପରେଟର ଏ ପର୍ଯ୍ୟନ୍ତ ଆମ ଦେଶରେ ବହୁତ ତିଆରି ନାହାଁନ୍ତି ଯାହା ସେମାନଙ୍କର ଦେଶର ବା ଅନ୍ୟ ରାଜ୍ୟରୁ ଏପରି ବିଶେଷଜ୍ଞ ଆସି ଆମ ରାଜ୍ୟରେ ଶିଳ୍ପ ସଞ୍ଚାଳନ କରିବେ ଫଳରେ ସ୍ଥାନୀୟ ଲୋକେ ଠିକ କର୍ମ ନିଯୁକ୍ତି ପାଇବେ ବି ? ଅନେକ ସଂସ୍ଥା ଠିକ ଶ୍ରମିକ ବା କର୍ମଚାରୀ କିଛି ବର୍ଷ ପାଇଁ ରଖି ତାଙ୍କୁ ଛଟେଇ କରୁଛନ୍ତି। ଯୌବନକାଳର ରୋଜଗାର ବାଧା କି କଷ୍ଟକର ଅନୁଭବୀ ହିଁ ଜାଣି ପାରିବେ। ଏପରି ଅସ୍ଥାୟୀ ମୁତୟନ କରିବେ କି ? ଲୁହା କାରଖାନାକୁ ହାର୍ଡ଼କୋକ ବା ସଫ୍ଟକୋକ କୋଇଲା ନହେଲେ ଲୁହା ତରଳା ଚୁଲ୍ଲୀ ଚାଲି ପାରିବ ନାହିଁ। ଲୁହା ଯେତେ ତାପରେ ତରଳେ ବା ପଥରକୁ ଗୁଣ୍ଡକରି ତାକୁ ଚୁଲ୍ଲୀରେ ତରଳାଇ ଲୁହାପିଣ୍ଡ କାଢ଼ିବାବେଳେ ଯେ ଉତ୍ତାପ ବିକିରଣ ହେବ ତାହା ଯେଉଁଠି କାରଖାନା ହେବ ସବୁ ଋତୁରେ ବହୁଥିବା ପବନରେ ବିଭିନ୍ନ ଦିଗକୁ ଯିବ ନାହିଁ। ସ୍ଥାନ ଗରମରୁ ସ୍ଥାନର ପାଣିପାଗ ଉପରେ ପ୍ରକୃତି ଉପରେ ପ୍ରଭାବ ପଡ଼ିବ କି ନାହିଁ ? ଓଡ଼ିଶାର ସ୍ୱାଧିନତା ପୂର୍ବରୁ ଯେ ଜଳ ବାୟୁ ଥିଲା ଏବେ ସେପରି କାହିଁକି ନାହିଁ ? ପୂର୍ବେ ଲୋକେ ଏତେ ପ୍ରକାର ରୋଗ ଭୋଗୁଥିଲେ କି ? ପ୍ରଦୂଷିତ ବାୟୁମଣ୍ଡଳ ଓ ତାପବୃଦ୍ଧି କେତେ ହିଂସା ଚିନ୍ତା ଲୋକଙ୍କୁ ଘାରୁଛି। ଏତେ ପୋଲିସ ଥିଲେ କି ? ଏତେ ଥାନା ଥିଲା କି ? କେତେ ବୃକ୍ଷ ଏବେଳରେ ଶିଳ୍ପ ନାମରେ ରାସ୍ତା ନିର୍ମାଣରେ କ୍ଷୟ ଶିଳ୍ପକୁ ରାସ୍ତା, ରେଳରାସ୍ତା ପାଇଁ କେତେ ଶସ୍ୟ କ୍ଷେତ୍ର କ୍ଷୟ ଏକଥା କଣ ବିଜ୍ଞମାନେ ଜାଣି ପାରୁନାହାଁନ୍ତି ? ଏକଦା ଗଡ଼ଜାତ ମୟୂରଭଞ୍ଜ ରାଜ୍ୟରେ ବାଦାମ ପାହାଡ଼ରେ ଲୁହା ଖଣିର ସନ୍ଧାନ ମିଳିଥିଲା। ତାହା ଟାଟା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହେବା ପାଇଁ ସ୍ଥାନ ଖୋଜାରେ କଣ ମୟୂରଭଞ୍ଜର ବଡ଼ ସହର ବାରିପଦା ରାଜାଙ୍କ ରାଜଧାନୀ ପାଖରେ ହୋଇପାରି ନଥାନ୍ତା। ରାଜ୍ୟରେ କଣ ଶ୍ରମିକ ନା ସ୍ଥାନ ଅଭାବ ଥିଲା ତେବେ ବିହାର, ସିଂହଭୂମର ବର୍ଗମକର ଜାମସେଦପୁରକୁ କାହିଁକି ସ୍ଥାନାନ୍ତର ହୋଇଥିଲା ? ଏବେ ବିହାରର ଭଙ୍ଗ ହୋଇ ଏବେ ଝାରଖଣ୍ଡ ରାଜ୍ୟରେ ଏବେ ଆସିଗଲାଣି। ଝାରଖଣ୍ଡ ଅର୍ଥ ବନାଞ୍ଚଳ ରାଜ୍ୟ ଯେଉଁଠି ବହୁତ ବୃକ୍ଷଲତା ଭରି ରହିଥିଲା। ଏହି କାରଖାନା ପରେ ଅନ୍ୟକ ଆନୁସଙ୍ଗିକ କାରଣରୁ ବହୁ ଜଙ୍ଗଲ ପଦା ବହୁ ପଶୁପକ୍ଷୀ ବିଲୁପ୍ତ। ଲୋକଙ୍କୁ ଅର୍ଥ ମିଳିବ ମାତ୍ର ଖାଇବା ପଦାର୍ଥ ଅନ୍ନ ଧାନ୍ୟ ପନିପରିବା ମହରଗ ହୋଇଯିବା ନିଶ୍ଚିନ୍ତ।

ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମ୍ବନ୍ଧରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ। ଏହି କାରଣ ସହିତ କେନ୍ଦ୍ରାପଡ଼, ଜଗତସିଂହପୁରରେ ନିର୍ମାଣକୁ ଜାପାନ ଶିଳ୍ପପତିଙ୍କୁ ଅଣାଯିବା ଯଦି ଭବିଷ୍ୟତକୁ ଏ ଅଞ୍ଚଳ ଜଳବାୟୁକୁ କ୍ଷତି ନହେବ ତାହା ଚିନ୍ତା କରାଯାଉ। ଜାପାନୀ ଦ୍ରବ୍ୟ ଆମ ଦେଶରେ ଅନେକ ଯହିଁରେ ବ୍ୟାଟ୍ରୀ ଆଇସି, ମୋବାଇଲ ଫୋନ, ଇଲେକ୍ଟ୍ରନିକ ଖେଳନା ବ୍ୟବହାର ପ୍ରତି ଘରେ ଜଳୁଥିବା ବଲବ୍ ଏମିତି ଜିନିଷ ଏକ ପ୍ରକାର ଛୋଟ ଛୋଟ ଶିଳ୍ପରେ ପ୍ରସ୍ତୁତ ପୁଣି ଏମାନଙ୍କର ଛୋଟ ଶିଳ୍ପମାନେ ପରସ୍ପର ସହଯୋଗ ଏହାକୁ ନିର୍ମାଣ କରି ଅନେକ ଲୋକଙ୍କୁ ବୃତ୍ତିରେ ରଖି ପାରୁଛନ୍ତି। ସେ ଦେଶ ୧୯୪୫ ପରେ ସମୃଦ୍ଧ ହୋଇଛି। କେବଳ ପରସ୍ପର ସହଯୋଗ ତାଙ୍କର ମୂଳ ପୁଞ୍ଜିକୁ କାରିଗରୀ ଜ୍ଞାନ କୌଶଳ ତାଙ୍କର ଦୁଇ ପ୍ରୟୋଗାତ୍ମକ ବିଦ୍ୟା ଆମର କୌଳିକ ବୃତ୍ତି ରଦ୍ଧ କରି ସମସ୍ତଙ୍କୁ ବେକାର କରାଯାଇଛି। ଶିକ୍ଷା ଖାଲି ଚାକିରୀ ପାଇଁ ଉଦ୍ଦିଷ୍ଟ। ନୂଆ ଛାଞ୍ଚରେ ଲୋକଙ୍କୁ ସେ ଦେଶ ପରି ଶିକ୍ଷା, କାରିଗରୀ ଜ୍ଞାନରେ ଦେଲେ ଶୀଘ୍ର ବେକାରୀ ହଟନ୍ତା। ଲୋକେ ସହଜରେ ଚଳି ପାରନ୍ତେ ନିଜ ଭିଟାମାଟି ଛାଡ଼ି ସ୍ଥାନାନ୍ତର ପସନ୍ଦ କରନ୍ତେ ନାହିଁ ପାରିବାରିକ ଜୀବନ ସୁଖପ୍ରଦ ହୁଅନ୍ତା। ଚାଷଜମି ଠିକ ଚାଷ ହୁଅନ୍ତା। ସରକାର ଯାନ୍ତ୍ରିକ ଦ୍ୱିଚକ୍ର ତ୍ରିଚକ୍ର ବାହାର କରି ଦ୍ୱିଚକ୍ର ସାଇକେଲକୁ ଆସ୍ତେ ଆସ୍ତେ ବନ୍ଦ କରି ଦେଲେ ତ୍ରିଚକ୍ର ରିକ୍ସା ସହରରେ କାଁ ଭାଁ ଟ୍ରାକ୍ଟର ଟ୍ରଲି ଲଗାଇ ମାଲବୁହା ଚାଲିଲାଣି। ଶଗଡ଼ ଅଦୃଶ୍ୟ, ହଳ ପାଇଁ ହଳ ଲଙ୍ଗଳ ମଇର ଦରକାର ନାହିଁ ଏଣୁ ବଳଦ ଆଉ ଦୃଶ୍ୟ ନୁହଁନ୍ତି। ଏସବୁ ପାଇଁ ପ୍ରଗତିର ବିରୁଦ୍ଧ ଆମେ ଚାହୁଁନା ଗ୍ରାମାଞ୍ଚଳ ମଟରସାଇକେଲ ସ୍କୁଟି ଅଟୋରିକ୍ସା ଟ୍ରାକ୍ଟର ପାୱାର ଟିଲର ପରି ଯାନ ମରାମତି ଶିକ୍ଷା ଦେଇ ଲୋକଙ୍କୁ ଏଥିରେ ବ୍ରତୀ କଲେ କଣ ବେକାରୀ ହଟିବ ନାହିଁ। ସମସ୍ତେ ଲୁଗା ଯାମା ପ୍ୟାଣ୍ଟ ପିନ୍ଧୁଛନ୍ତି। ଗାମୁଛା ବ୍ୟବହାର କରୁଛନ୍ତି ଏସବୁ ପ୍ରସ୍ତୁତି ନୂଆ ରୂପରେ କଣ ଗ୍ରାମରେ କରାଯାଇ ପାରିବ ନାହିଁ। କମାର କାମର ସଂସ୍କାରରେ ଗ୍ୟାସ ବିଦ୍ୟୁତର ଝଳେଇ କାମରେ କାରିଗର ସଂକ୍ଷିପ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଗୃହ ଉପକରଣ କଣ ପ୍ରସ୍ତୁତ କରି ହେବନାହିଁ? ଏମିତି ଅନେକ ଶିଳ୍ପ ମଧ୍ୟରେ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ। ଏହା ଗ୍ରାମେ ଗ୍ରାମେ କଣ ହୋଇପାରିବ ନାହିଁ ? ଏହାଦ୍ୱାରା ସରକାର କଣ ଟିକସ ପାଇବେ ନାହିଁ। ଶ୍ରମିକ ସମସ୍ୟା ତୁଟିବ ବେକାରୀ ସମସ୍ୟା ତୁଟିଯିବ ଏହା ଚିନ୍ତାଶୀଳମାନେ ଭାବନ୍ତୁ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ସଫଳ ହାସ୍ୟ ସାହିତ୍ୟିକ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ସାମସମୟିକ ଓଡ଼ିଆ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖୀ ଥିଲେ ହେଁ ଅନ୍ତରର ବେଦନାକୁ ଚାପି ସତେ ଯେପରି ଅନ୍ୟମାନଙ୍କୁ ହସାଇବାକୁ ଶପଥ ନେଇଥିଲେ ଏବଂ ସୃଷ୍ଟି କରିଥିଲେ ବହୁ ବ୍ୟଙ୍ଗ ସାହିତ୍ୟ। ତାଙ୍କର ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର। ଡାକ୍ତରୀ ପଢୁଥିବା ବେଳେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିଲେ। ରୋଗ କବଳରୁ ମୁକ୍ତି ମିଳୁ ମିଳୁ ହରାଇଥିଲେ ଦୃଷ୍ଟି ଶକ୍ତି ଏବଂ ଆଜୀବନ ଅବିବାହିତ ରହି ପାଲଟିଥିଲେ ସାହିତ୍ୟ ସେବକ। ଏକ ସମୟରେ ସାହିତ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନଥିଲା। ସାହିତ୍ୟ ନାମ ଶୁଣିଲେ ବିତୃଷ୍ଣା ଆସିଯାଉଥିଲା। ସାହିତ୍ୟକୁ ଏକ ଅଲୋଡ଼ା, ଅଦରକାରୀ ବିଷୟ ଭାବୁଥିଲେ। ହେଲେ ଜୀବନର ମଧ୍ୟ ଭାଗରେ ସାହିତ୍ୟ ହିଁ ହୋଇଥିଲା, ତାଙ୍କର ଏକମାତ୍ର ଅବଲମ୍ବନ, ଯାହା କାଏମ ରହିଥିଲା ଜୀବନର ଶେଷ ଭାଗ ପର୍ଯ୍ୟନ୍ତ। ଫତୁରାନନ୍ଦଙ୍କ ଆତ୍ମଚରିତ ହେଉଛି 'ମୋ ଫୁଟା ଡଙ୍ଗାର କାହାଣୀ'। ଏଥିରେ ସେ ଲେଖିଛନ୍ତି, ସ୍କୁଲରେ ପଢୁଥିବା ବେଳେ ଶିକ୍ଷକଙ୍କ ବାଧ୍ୟବାଧକତାରେ ସେ ପଢ଼ିଥିବା ପ୍ରଥମ ସାହିତ୍ୟ ପୁସ୍ତକଟି ଥିଲା ଫକୀର ମୋହନ ସେନାପତିଙ୍କର ଛଅ ମାଣ ଆଠଗୁଣ୍ଠ। ତାହା ପୂର୍ବରୁ ରାମାୟଣ, ମହାଭାରତ, ତଅପୋଇ, ନୃସିଂହ ପୁରାଣ, ହରିବଂଶ, ଲକ୍ଷ୍ମୀପୂଜା ପଢ଼ିଥିଲେ। ଧର୍ମ ପୁସ୍ତକ ପଢ଼ିଲେ ଉତ୍ତମ ଭୋଜନ ମିଳୁଥିବାରୁ ସେ ଏସବୁ ବାରମ୍ବାର ପଢୁଥିଲେ। ଶ୍ରୀକୃଷ୍ଣ, ହନୁମାନ, ଭୀମ, ଅର୍ଜ୍ଜୁନ ଥିଲେ ତାଙ୍କର ଅତି ପ୍ରିୟ ପୌରାଣିକ ଚରିତ୍ର। ସ୍କୁଲରେ ପଢ଼ିବା ବେଳେ ସେ ଏକ ଗପ ଲେଖିଥିଲେ। ତାହା ସ୍କୁଲ ପତ୍ରିକା ଛାତ୍ରବନ୍ଧୁରେ ପ୍ରକାଶିତ ହୋଇଥିଲା। ମେଡ଼ିକାଲ ପଢ଼ା ସାରି ବ୍ୟାଧିଗ୍ରସ୍ତ ହୋଇ ଘରେ ବସିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମେ ଲେଖିଥିଲେ କବି ଲଢ଼େଇ ନାମକ ପଦ୍ୟ। ସେଇଟି ପ୍ରକାଶିତ ହୋଇଥିଲା ଡଗରରେ। ମେଡ଼ିକାଲରେ ପଢ଼ିବା ବେଳେ ଜଣେ ବନ୍ଧୁ ତାଙ୍କୁ ଫତୁରାନନ୍ଦ ନାମ ଦେଇଥିଲେ। କାଳେ ଜୀବନର ପ୍ରଥମ ପଦ୍ୟ ସମାଲୋଚିତ ହେବ, ଏହି ଭୟରେ ଲେଖକ ଭାବେ ଫତୁରାନନ୍ଦ ନାମଟିକୁ ବ୍ୟବହାର କରିଥିଲେ। ପଦ୍ୟଟି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ରାମଚନ୍ଦ୍ର ମିଶ୍ର ଫତୁରାନନ୍ଦ ନାମରେ ଲେଖକୀୟ ପରିଚିତି ଲାଭ କରିଥିଲେ। ଡଗର ମୁଦ୍ରଣାଳୟ ଓ ପତ୍ରିକା ସହ ସଂପର୍କ ତଥା କାନ୍ତିକବି ଲକ୍ଷ୍ମୀକାନ୍ତଙ୍କ ପ୍ରେରଣା ତାଙ୍କୁ ବଡ଼ ଲେଖକରେ ପରିଣତ କରିଥିଲା। ଲେଖକ ଜୀବନର ଆଦ୍ୟ ଭାଗରେ ସେ ଅରୁଚିକର ହାସ୍ୟ ପରିବେଷଣ କରି ଭାଣ୍ଡକବି ଭାବେ ଆଖ୍ୟାୟିତ ହୋଇଥିଲେ। ତେବେ ନିତମ୍ବ ବଂଶୀ କବିତାର ପ୍ରକାଶନ ପରେ ନିଜ ଲେଖାରୁ ରୁଚିହୀନତାକୁ ବାଦ ଦେଇଥିଲେ। ଏହି କବିତାରେ ରାଧା, କୃଷ୍ଣଙ୍କୁ ପଚାରୁଛନ୍ତି ହାତ ବଂଶୀ ବହୁତ ଶୁଣିଲିଣି। ବଡ଼ କପଟିଆ ତୁମେ। ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ। ନ ଶୁଣାଇଲେ ଆଉ କଥା ହେବିନି। ତହୁଁ କୃଷ୍ଣ କହୁଛନ୍ତି ଥୟ ଧର ଆଜି ଅବଶ୍ୟ ଶୁଣାଇବି। ଏହା କହି ସେ ବାୟୁ ସୃଷ୍ଟିକାରୀ ବରା, ପିଆଜି, ପକୁଡ଼ି ଆଦି ପେଟ ପୁରା ଖାଇଲେ। କିଛି ସମୟ ପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁମାନ ବାହାରିଲା। ଏହି କବିତାକୁ ଯିଏ ବି ପଢ଼ିବ, ହସିବା ସ୍ୱାଭାବିକ। ତେବେ, ଏ ଭଳି କବିତା ନ ଲେଖିବା ପାଇଁ ଦିନେ ହସି ହସି ତାଙ୍କୁ ଉପଦେଶ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ। ତାହା ପରଠାରୁ ସେ ରୁଚିହୀନ ବର୍ଜନ କରିଥିଲେ। ୧୯୧୫ ଜୁନ ୧ ତାରିଖରେ କଟକ ଝାଞ୍ଜିରିମଙ୍ଗଳାରେ ଜନ୍ମ ହୋଇଥିଲେ ଫତୁରାନନ୍ଦ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଜଙ୍ଗଲରେ ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାର୍ଡର ଚଢ଼ାଉ, ୮୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଅବକାରୀ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗୋଛପଡ଼ା ଥାନା ଅନ୍ତର୍ଗତ କଞ୍ଚାମାଇ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ଚଢ଼ାଉ କରିଛନ୍ତି । ଚଢାଉ କରି ଜଙ୍ଗଲରେ ରଖା ଯାଇଥିବା ୩୪ଟି ଗଞ୍ଜେଇ ଭର୍ତ୍ତି ଜରି ଅଖା ବସ୍ତା ଜବତ କରିଛନ୍ତି । ଏହି ୩୪ ବସ୍ତାରୁ ୮ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ମୂଲ୍ୟ ୮୫ ଲକ୍ଷ୍ୟ ଟଙ୍କା ଗଞ୍ଜେଇର ମୂଲ୍ୟ ଥିବା ଜଣା ପଡ଼ିଛି ।ସୂଚନା ମୁତାବକ, କନ୍ଧମାଳ ଜିଲ୍ଲା ଅବକାରୀ ସ୍ୱତନ୍ତ୍ର ସ୍କ୍ୱାର୍ଡ ଟିମ୍ ଗୋଛାପଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ ।ଏହି ସମୟରେ ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ରଖାଯାଇଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲେ । ଖବର ପାଇ ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ସ୍ୱତନ୍ତ୍ର ଟିମ୍ର ଇନସ୍ପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବାଲିଗୁଡା ଅବକାରୀ ଟିମ୍ ସହ ଏକ ୨୦ ଜଣିଆ ଟିମ୍ ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢାଉ କରି ଜଙ୍ଗଲ ମଧ୍ୟରେ ଡାଳ ଘୋଡାଇ ବିକ୍ରି ପାଇଁ ରଖା ଯାଇଥିବା ସମସ୍ତ ଗଞ୍ଜେଇ ଜବତ କରିଛି ଅବକାରୀ ଟିମ୍ ୟ ଜଙ୍ଗଲରୁ ମୋଟ ୩୪ଟି ଜରି ଅଖା ବସ୍ତା ଜବତ ହୋଇଛି । ଯେଉଁଥିରେ ୮ କୁଇ□ାଲ ୫୦ କେଜି ଗଞ୍ଜେଇ ରହିଥିବା ସୂଚନା ମିଳିଛି।

# ଶିଶୁମୃତ୍ୟୁ ଘଟଣା ରେ ପହଞ୍ଚିଲା ତଦନ୍ତକାରି ଟିମ୍

କାକଟପୁର(ମହାଭାରତ) :କାକଟପୁର ମୁଖ୍ୟ ବଜାର ରେ ଥିବା ଏକ ଘରୋଇ ହସ୍ପିଟାଲ ରେ ଅସ୍ତରଙ୍ଗ ବ୍ଲକ ବେଗୁନିଆବସ୍ତ ଗ୍ରାମ ର ରଞ୍ଜିତ ସ୍ୱାଇଁ ଙ୍କ ଧର୍ମପତ୍ନୀ ପ୍ରସୂତି ଯନ୍ତ୍ରଣା ରେ ଶ୍ରୀ ସାଇ ଘରୋଇ ହସ୍ପିଟାଲ ରେ ଚିକିତ୍ସା ପାଇଁ ପହ□ଥିଲେ, ସେଠି ପ୍ରସୂତୀ ଙ୍କ ସ୍ୱାସ୍ଥ୍ୟବସ୍ଥା ଦେଖି ସ୍ତ୍ରୀ ପ୍ରସୂତୀ ବିଭାଗ ର ଡାକ୍ତର ତାଙ୍କର ଅସ୍ତ୍ରୋପଚାର କରିବା ପରେ ତାଙ୍କ ର ଏକ ଶିଶୁ କନ୍ୟା ଜନ୍ମହେଲେ, ମାତ୍ର ରଞ୍ଜିତ ଙ୍କ ପରିବାର ଲୋକ କହିବା କଥା ଶିଶୁ ଜନ୍ମ ହେବା ପରେ କ୍ରମାଗତ ଭାବେ ୨ ଦିନ ଧରି କାନ୍ଦିଥିଲା ମାତ୍ର ତାର କାନ୍ଦ ବନ୍ଦ ହୋଇନଥିଲା। ଏହାପରେ କୌଣସି ଶିଶୁ ବିଭାଗ ଡାକ୍ତର ଶିଶୁ ର ସ୍ୱାସ୍ଥ୍ୟବସ୍ଥା କୁ ଯାଞ୍ଚ କରିବାକୁ ଆସିନଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡ ରେ ଏହି ପ୍ରସବ ଘଟଣା ରେ ପଇସା ସରିଯାଇଥିଲା ଏହା ପରେ ଶିଶୁ କନ୍ୟା ଆଉ ତା ମା ଙ୍କୁ ହସ୍ପିଟାଲ ଡିସ୍‌ଚାର୍ଜ କରିଥିଲା। ମାତ୍ର ରଞ୍ଜିତ ତାଙ୍କ ପତ୍ନୀ ଓ ନବଜାତ ଶିଶୁକନ୍ୟା କୁ ନେଇ ଘରକୁ ଆସିବା ର କିଛି ସମୟ ଅନ୍ତର ପରେ ପୁନଃବାର ମୃତ ଅବସ୍ଥା ରେ ଶ୍ରୀ ସାଇ ହସ୍ପିଟାଲ ଆଣି ଆସିଥିଲେ କିନ୍ତୁ ସେଠି ଦୀର୍ଘ ସମୟ ରହିବାପରେ କୌଣସି ଅଭିଜ୍ଞ ଡାକ୍ତର ଆସିନଥିଲେ ଏହା ସହ ରଞ୍ଜିତ ଙ୍କୁ ହସ୍ପିଟାଲ ରୁ ତଡିପାତ କରିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ କାକଟପୁର ପୋଲିସ ରେ ଅଭିଯୋଗ କରିଥିଲେ। ଏହାର ଜବାବ ରେ ରଞ୍ଜିତ ମଧ୍ୟ କାକଟପୁର ଥାନା ରେ ଆଉ ଏକ ଅଭିଯୋଗ କରିଥିଲେ, ମାତ୍ର କୌଣସି ଚାପ ର ବଶବର୍ତ୍ତୀ ହୋଇ ରଞ୍ଜିତ ଉକ୍ତ ଏତଲା କୁ ଉଠାଇବା ସହ ଘରକୁ ଫେରି ଆସିଲେ, ଏହି ଘଟଣା ଉପରେ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ କରାଯାଇଥିଲା, ଆଉ ଖବର ପ୍ରସାରଣ ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଘଟଣା ର ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଆଜି ଶ୍ରୀ ସାଇ ହସ୍ପିଟାଲ ପଠାଇଥିଲେ, କାକଟପୁର ବ୍ଲକ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ଶାନ୍ତି ଭୂଷଣ ଜେନା, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ସ୍ତ୍ରୀ ପ୍ରସୂତି ବିଭାଗ ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ ଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ମଧ୍ୟାହ୍ନ ସମୟ ରେ ଶ୍ରୀ ସାଇ ହସ୍ପିଟାଲ ରେ ପହଞ୍ଚି କିଛି ଯାଞ୍ଚ□ କରିଥିଲେ, ଆଜି ର ତଦନ୍ତ ଅନୁସାରେ ଏହା ପ୍ରାରମ୍ଭିକ ତଦନ୍ତ ଆଉ ଆଗାମୀ ଦିନ ରେ ଆହୁରି ତଦନ୍ତ କରାଯାଇ ରିପୋର୍ଟ ଦିଆଯିବ ବୋଲି ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ମିଶ୍ର ସୂଚନା ଦେଇଛନ୍ତି, ମାତ୍ର ବିନା ଆଇସିୟୁ, ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ନଥାଇ କିପରି ଏହି ହସ୍ପିଟାଲ ରେ ଅସ୍ତ୍ରୋପଚାର କରାଯାଉଛି। ତାହା ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଏବେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ କିପରି କାର୍ଯ୍ୟାନୁଷ୍ଠାନ ନେବ ତାହାକୁ ଅପେକ୍ଷା କରିଛନ୍ତି ଅନେକ ବୁଦ୍ଧିଜୀବୀ ।

# ଉମରକୋଟଠାରେ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର

ନବରଙ୍ଗପୁର(ମହାଭାରତ):ଆଜି ଉମରକୋଟ ବ୍ଲକ ସ୍ଥିତ ପୌରପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବି ଡି ଓ ମନୋଜ କୁମାର ମେହେର,ତହସିଲଦାର ମାଗବନ ବାଗଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୭୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୪ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରଯାଇଥିଲା।



# କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର

## ୧୫୦.୪୧ ଏମଏମଟି ପଣ୍ୟ କାରବାର କରି ସର୍ବକାଳୀନ ରେକର୍ଡ




ପାରାଦୀପ-(ମହାଭାରତ): ପାରାଦୀପ ବନ୍ଦର ପଣ୍ୟ କାରାବାର କ୍ଷେତ୍ରରେ ଏକ ନୂଆ ମାଇଲ୍ ଖୁଣ୍ଟ ସ୍ଥାପନ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଦେଶର ସମସ୍ତ ବୃହତ୍ତ ବନ୍ଦର ଓ ବେସରକାରୀ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ପୂର୍ଣ୍ଣବାର ଏକ ନମ୍ବର ବନ୍ଦର ହୋଇଛି । ଏ ସମ୍ପର୍କରେ ବୁଧବାର ଦିନ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡରୁମ୍ ପରିସରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ସମସ୍ତ ଭାରତୀୟ ବନ୍ଦରମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରକୁ ଆଧୁନିକିକରଣ କରିବାରେ ସକ୍ଷମ ହୋଇ ଉପକୂଳ ପଣ୍ୟ କାରବାର କ୍ଷେତ୍ରରେ ୭.୬୫ ପ୍ରତିଶତ ଅଭିବୃଦ୍ଧି କରି ପାରିଛି । ରେଳ ରେକ୍ ପରିବହନ କ୍ଷେତ୍ରରେ ୫.୩୨ ପ୍ରତିଶତ ଅଭିବୃଦ୍ଧି କରି ୨୨,୮୧୮ ରେକ୍ ପରିବହନ କରି ଆଉ ଏକ ରେକର୍ଡ ସୃଷ୍ଟି କରିଛି । କଣ୍ଟେନର କାର୍ଗେ କ୍ଷେତ୍ରରେ ୩.୨୧ ପ୍ରତିଶତ ଅଭିବୃଦ୍ଧି କରିଛି ପାରାଦୀପ ବନ୍ଦର । ବର୍ଥ ପରିଚାଳନାରେ ସମଗ୍ର ଦେଶରେ ପାରାଦୀପ ବନ୍ଦର ଦୈନିକ୩୪,୨୮୩ ଏମଟି ପଣ୍ୟ କାରବାର କରିବାରେ ସଫଳତା ହାସଲ କରିଛି । ଟର୍ମିନାଲ ପରିଚାଳନାରେ କେଆଇସିଟି ରେକର୍ଡ ୧୫.୧୮ ପ୍ରତିଶତ ଅଭିବୃଦ୍ଧି କରି ସଫଳତା ହାସଲ କରିଥିବା ନେଇ ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଛନ୍ତି । ପଶ୍ଚିମ ଡକ୍ କାର୍ଯ୍ୟ ଜେପିପିଏଲ୍ ଆସନ୍ତା ୨୦୨୬ ସୁଦ୍ଧା ଶେଷ କରିବା ନେଇ ସେ ସୂଚନା ଦେଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ହରନାଦ ରପ୍ତାନୀକାରୀ, ଆମଦାନୀ ସଂସ୍ଥା, ପିପିପି ଅପରେଟର୍, ଷ୍ଟିଭେଡୋର୍ସ, ସିପିଙ୍ଗ ଏଜେଣ୍ଟ, ବନ୍ଦର ଅଧିକାରୀ, କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ସଫଳତା ପଛରେ ମାନ୍ୟବର କେନ୍ଦ୍ର ବନ୍ଦର ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେମାନଙ୍କ ମାର୍ଗଦର୍ଶନରେ ପାରାଦୀପ ବନ୍ଦର ଏହି ସଫଳତା ହାସଲ କରିଥିବା ନେଇ ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ଏଥି ସହିତ ରେଳ ମନ୍ତ୍ରଣାଳୟ, ଓଡିଶା ସରକାର ଓ କଷ୍ଟମ ବିଭାଗକୁ ସାଧୁବାଦ ଜଣାଇଛନ୍ତି । ସେମାନଙ୍କ ସହଯୋଗ ବିନା ପାରାଦୀପ ବନ୍ଦର ଏହି ସଫଳତା ହାସଲ କରି ପାରିନଥାନ୍ତା ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧିକାରୀମାନଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ଶ୍ରୀ ହରନାଦ କେକ୍ କାଟି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ନୂଆଗାଁ ବିଜୁ ଜନତା ଦଳ ପକ୍ଷରୁ ଉତ୍କଳ ଦିବସ ପାଳିତ



ନୂଆଗାଁ (ମହାଭାରତ ) :ମାନ୍ୟବର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ନୂଆଗାଁ ବ୍ଲକ୍ ଅଧ୍ୟକ୍ଷ ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରାଙ୍କ ନେତୃତ୍ୱରେ ନୂଆଗାଁ ବିଜୁ ଭବନ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏପ୍ରିଲ ୧ ମଙ୍ଗଳବାର ଦିନ ଉତ୍କଳ ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ବିଜୁ ଭବନ ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ବିଜୁ ପଟ୍ଟନାୟକ ଅମର ରହେ,ବିଜୁ ଜନତା ଦଳ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ଉପସଭାପତି ଦିଲ୍ଲୀପ କୁମାର ଦଳବେହେରା, ନୂଆଗାଁ ପୂର୍ବତନ ସରପ□ ଅରୁଣ ସ୍ୱାଇଁ, କୋରଡ଼ା ପୂର୍ବତନ ସରପ□ ଗୋଲଖ ବିହାରୀ ଗୋଛାୟତ, ଶିବଦ□ ପାତ୍ର, ପ୍ରକାଶ କୁମାର ନାୟକ,ରମେଶ ପ୍ରଧାନ, ବ୍ଲକ ଛାତ୍ର ବିଜେଡି ସଭାପତି ସୁବ୍ରତ ପରିଡା,ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ଖଣ୍ଡୁଆଳ,ନରେନ୍ଦ୍ର କୁମାର ସାହୁ, ନାଏବ ସରପଞ୍ଚ ବସନ୍ତ କୁମାର ପ୍ରଧାନ, ଯୁବ ଛାତ୍ର ସମେତ ବିଜେଡିର ଛାମୁଆ,ଦୃଢ ସଂଗଠକ କର୍ମକର୍ତ୍ତା ଯୋଗଦେଇଥିଲେ ।ସେହିପରି ନୂଆଗାଁ ବ୍ଲକ ଅନ୍ତର୍ଗତ ଚହଳି ଗ୍ରାମ ପଞ୍ଚାୟତ ରେ ଅବସ୍ଥିତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସ ପାଳନ କରାଯାଇଅଛି ବିଦ୍ୟାଳୟ ମଧ୍ୟରେ ଅବସ୍ଥିତ ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉତ୍କଳ ଦିବସ ସମ୍ବନ୍ଧରେ ଆଲୋଚନା ସଭା ଅନଷ୍ଠିତ ହୋଇଥିଲା ଏଥିରେ ବିଦ୍ୟାଳୟ ର ଶିକ୍ଷକ ଶତ୍ରୁଘ୍ନ ପ୍ରଧାନ, ସତ୍ୟ ନାରାୟଣ ସାହୁ, ଲକ୍ଷ୍ମୀଧର ସାହୁ,ମନୋଜ କୁମାର ପଣ୍ଡା,କବିତା ବେହେରା, ବିପ୍ଳବ ସାହୁ, ହୃଷୀକେଶ ସାହୁ,ଅକ୍ରୂର ବେହେରା,ମଞ୍ଜୁଳା ବିଷୋଇ , ଅଖିଳନାଥ ବେହେରା ଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେୟକ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ଏହାକୁ ସଞ୍ଚାଳନ କରିଥଲେ।

# ଗ୍ରାମୀଣ ମଣ୍ଡଳ ସଭାପତି ଭାବେ ଗୋଲକ ବିହାରୀ କହଁର ମନୋନୀତ

କନ୍ଧମାଳ(ମହାଭାରତ): ଗ୍ରାମୀଣ ମଣ୍ଡଳ ସଭାପତି ଭାବେ କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଗଞ୍ଜୁଗୁଡା ପଂଚାୟତ ଅନ୍ତର୍ଗତ ବୋଇଡ଼ା ଗ୍ରାମର ଗୋଲକ ବିହାରୀ କହଁର ଙ୍କୁ ବିଜେପି ଦଳ ପକ୍ଷରୁ ଚୟନ କରାଯାଇଥିବା ସୂଚନା ମିଳିଛି ।ଏନେଇ ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀ ଗୋଲକଙ୍କ ପାଖକୁ ଏକ ପତ୍ର ମଧ୍ୟ ପ୍ରେରଣ କରିଥିବା ସୂଚନା ମିଳିଛି ।ଶ୍ରୀଯୁକ୍ତ କହଁର ଏକା ଧାରରେ ସମାଜସେବୀ, ସାମ୍ବାଦିକ, ରାଜନୀତିଜ୍ଞ ଓ ସୁସଂଗଠନ ଅଟନ୍ତି । ରାଜନୀତି ଉପରେ ଯଥେଷ୍ଟ ଅଭିଜ୍ଞତା ଥିବାରୁ ସେ ଏହି ପଦବୀ ପାଇଁ ପୁରାପୁରି ଯୋଗ୍ୟ ବୋଲି ଦଳୀୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିବା ମଧ୍ୟ ଶୁଣିବାକୁ ମିଳୁଛି ।ଶ୍ରୀଯୁକ୍ତ କହଁର ୨୦୦୯ ମସିହାରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ଆଜି ପର୍ଯ୍ୟନ୍ତ ଦଳ ପାଇଁ କାର୍ଯ୍ୟ କରି ଆସୁଛନ୍ତି ।

# ପାରାଦୀପ ପୋର୍ଟ ଡିଏଲଆରସ୍ ଆଣ୍ଡ କଣ୍ଟ୍ରାକ୍ଟ ୱର୍କମେନ୍ ଆସୋସିଏସନ୍ ପକ୍ଷରୁ ବନ୍ଦର ଅଧ୍ୟକ୍ଷଙ୍କୁ ଦାବୀପତ୍ର ପ୍ରଦାନ



ପାରାଦୀପ(ମହାଭାରତ)ପାରାଦୀପ ପୋର୍ଟ ଡିଏଲଆରସ୍ ଆଣ୍ଡ କ□ାକ୍ଟ ୱର୍କମେନ୍ ଆସୋସିଏସନ୍ ସଭାପତି ପ୍ରକାଶ ତ୍ରିପାଠିଙ୍କ ନେତୃତ୍ୱରେ ଏକ ଦାବୀପତ୍ର ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କୁ ପ୍ରଦାନ କରାଯାଇଛି । ଛଅ ଶହ ସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଏହି ଦାବୀପତ୍ରରେ ଡିଏଲଆର୍‌ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଶ୍ରୀ ତ୍ରିପାଠୀଙ୍କ ସମେତ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁଙ୍କ ସମେତ ଏକ ପ୍ରତିନିଧି ଦଳ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦଙ୍କୁ ଭେଟି ଆଲୋଚନା କରିଥିଲେ । ପୂର୍ବରୁ ଏହିପରି ଏକ ଦାବୀପତ୍ର ବନ୍ଦର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଡିଏଲଆର୍‌ଙ୍କ ସମସ୍ତ ସମସ୍ୟା ସମ୍ପର୍କରେ ବୈଧତା ଥିବା ସଭାପତି ପ୍ରକାଶ ତ୍ରିପାଠିଙ୍କ ନେତୃତ୍ୱରେ ପରିଚାଳିତ ଡିଏଲଆର୍ ସଂଘ ସହିତ ବନ୍ଦର ପ୍ରଶାସନ ସମସ୍ତ ଆଲୋଚନା କରିବାକୁ ସଂଘ ବନ୍ଦର ଅଧ୍ୟକ୍ଷଙ୍କୁ ଏହି ଦାବୀପତ୍ରରେ ଉଲ୍ଲେଖ କରିଛି ।

# ଓଡିଶା ଦିବସ ରେ ମେଣ୍ଢାଖାଇ ବିଦ୍ୟାଳୟର ସଫଳତା

କପ୍ତିପଦା /ଉଦଳା -(ମହାଭାରତ ): କପ୍ତିପଦା /ଉଦଳା -ଆଦ୍ୟ ତା ୨/୪/୨୦୨୫ ରିଖ ମଙ୍ଗଳବାର ଉଦଳା ଏନ. ଏ. ସି ଅନ୍ତର୍ଗତ ବ୍ଲକ ସଭା ଗୃହରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ଓଡିଶା ଦିବସ ମହାଶମକ୍ଷରହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ଉପଖଣ୍ଡ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ରେ ମାଧ୍ୟମିକ ସ୍ତରରେ ମେଣ୍ଢାଖାଇ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ କୁମାରୀ ଅମ୍ରିତା ପ୍ରଧାନ ଏବଂ ଦେବସ୍ମିତା ମହାନ୍ତି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶ ଥାଉକି ଓଡିଶା ଦିବସ ଉପଲକ୍ଷେ ଜିଲ୍ଲା ସ୍ତରୀୟ ବକ୍ତୃତା ପ୍ରତିଯୋଗୀତାରେ ପ୍ରାଥମିକ ସ୍ଥରରେ ଅନୁପ୍ରଭା ଚୌଧୁରୀ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ କୁ ଗୌରନ୍ୱିତ କରିଛନ୍ତି । ଏଥି ପାଇଁ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ବିଶେଷ ଆନନ୍ଦିତ ହେବା ସହିତ ଅଭିଭାବକ ମାନେ ମଧ ବହୁତ ଖୁସି ଅଛନ୍ତି। ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ ବିଦ୍ୟାଳୟ ର ଉନ୍ନତି ତଥା ସମ୍ମାନ ବଜାଇ ରଖିବାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଜୟଦେବ ଗଣଦୌଡ଼- ୨୦୨୫ ଅନୁଷ୍ଠିତ

ବାଲିଅନ୍ତା( ମହାଭାରତ)ଉତ୍କଳ ଦିବସ ଅବସରରେ ଜୟଦେବ ଅଂଚଳର ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ ଓ ପ୍ରସାର ପ୍ରଚାରର ସଂକଳ୍ପ ନେଇ ଆୟୋଜିତ ହୋଇଛି ଜୟଦେବ ଗଣଦୌଡ ୨୦୨୫। ନିର୍ଭିକ ଖବର ଓ ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଗଣଦୌଡ଼ରେ ସ୍କୁଲ , କଲେଜ ଛାତ୍ର ଛାତ୍ରୀ , ଅଂଚଳର ଯୁବ ପିଢୀ ,ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ସମେତ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗନେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ଡଃ ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ରଥ , ବରିଷ୍ଠ ଶିକ୍ଷାବିତ୍ ବିଦୁଭୂଷଣ ପଟ୍ଟନାୟକ , ସଂଳାପକାର ଡଃ ରଜନୀ ରଞ୍ଜନ ଦାସ , ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ , ପ୍ରମୋଦ ପାଢୀ , ସୁଚିସ୍ମିତା ପୃଷ୍ଟି , ରଞ୍ଜନ କୁମାର ମହାପାତ୍ର , ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ରେଣୁକା ସେଠୀ , ତନୟା ଦାସ ଗୋସ୍ୱାମୀ ,ମେଡିକାଲ ଅଫିସର ତନ୍ମୟ ତ୍ରୀପାଠୀ ପ୍ରମୁଖ ଯୋଗଦେଇ ଜୟଦେବ ଅଂଚଳର ଐତିହ୍ୟ, ପର୍ଯ୍ୟଟନ କ୍ଷେତ୍ରର ପ୍ରସାର ପ୍ରଚାର ଓ ସୁରକ୍ଷା ନିମନ୍ତେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଗଣଦୌଡ ବାଳକାଟି ସ୍ଥିତ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ ହୋଇ ବିଶ୍ ପ୍ରସିଦ୍ଧ ଚଉଷଠି ଯୋଗିନୀ ମନ୍ଦିର ନିକଟରେ ଶେଷ ହୋଇଥିଲା । ଏହି ପ୍ରତିଯୋଗିତାରେ ଦୋଳମଣୀ ଚିରଗୁନ୍ ପ୍ରଥମ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ବିଜେତା ଭାବେ ଶୁଭମ ବେହେରାଙ୍କୁ ୭ ହଜାର ଟଙ୍କା, ତୃତୀୟ ବିଜେତା ଜାମିନୀ ସାହୁଙ୍କୁ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ୪ ବିଜେତା ରୂପେ ନନ୍ଦିନୀ ଶବରଙ୍କୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ନିର୍ଭିକ ଖବରର ସହ ସମ୍ପାଦକ ପ୍ରଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ , ଲକ୍ଷ୍ମଣ ଜେନା , ପ୍ରିୟବ୍ରତ ପାତ୍ର, ଦୀପକ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ନୟାଗଡ଼ ଜିଲ୍ଲାରେ ୯ ମାସ ମଧ୍ୟରେ ୧୭ ହତ୍ୟା, ୫୦ ଦୁଷ୍କର୍ମ

ନୟାଗଡ଼, ( ମହାଭାରତ ) : ଅପରାଧ ଓ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପୁଲିସ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛି। ତଥାପି ଏହାକୁ ତାଳ ଦେଇ ଜିଲ୍ଲାରେ ଅପରାଧ ବଢ଼ି ବଢ଼ି ଚାଲିଛି। ବିଶେଷ କରି ନାରୀ ନିର୍ଯାତନା ଓ ନାବାଳିକା ଦୁଷ୍କର୍ମ ମାମଲା ବୃଦ୍ଧି ପାଇବାରେ ଲାଗିଲାଣି। ଏହିପରି ଅପରାଧକୁ ନିୟନ୍ତ୍ରଣକୁ ଆଣିବାରେ ଜିଲ୍ଲା ପୁଲିସ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଗତ ୯ ମାସର ଆପରାଧିକ ଗ୍ରାଫ୍ ଏହା ବୟାନ କରୁଛି। ଏହି ସମୟ ଭିତରେ ନୟାଗଡ଼ ଜିଲ୍ଲାରେ ୧୭ଟି ହତ୍ୟାକାଣ୍ଡ ଘଟିଛି। ଅର୍ଥାତ ପ୍ରତି ମାସରେ ହାରାହାରି ୨ ଜଣ ହତ୍ୟାର ଶିକାର ହେଉଥିଲା ବେଳେ ୫୦ଟି ଦୁଷ୍କର୍ମ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି। ସରକାରୀ ତଥ୍ୟ ମୁତାବକ, ଗତ ଜୁନ୍ ପହିଲାରୁ ଚଳିତ ଫେବୃଆରି ୨୮ ତାରିଖ ଭିତରେ ନୟାଗଡ଼ ଜିଲ୍ଲାରେ ୧୭ଟି ହତ୍ୟାକାଣ୍ଡ ଘଟିଛି। ଏହି ସମୟ ମଧ୍ୟରେ ବାଣୀଗୋଛାରେ ସମ୍ପତ୍ତି ପାଇଁ ମହିଳାଙ୍କ ଗଳାକାଟି ହତ୍ୟା ମାମଲା ହେଉ ଅବା ଫତେଗଡ଼ ଥାନା ଅଧୀନ ଧାନଚାଙ୍ଗଡ଼ା ଗାଁରେ ଦୁଇ ନାବାଳକଙ୍କ ପୁଅକୁ ହତ୍ୟା କରିଥିବା ଅଭିଯୋଗରେ ଜେଜେ ମା' ଓ ବାପା ଜେଲ୍ ଯିବା ଘଟଣା ବେଶ୍ ଚର୍ଚ୍ଚାରେ ରହିଥିଲା। ସେହିପରି ଏହି ୯ ମାସ ଭିତରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନାରେ ୫୦ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଏହାସହ ୩ଟି ଗଣଦୁଷ୍କର୍ମ ମାମଲା ଜିଲ୍ଲାକୁ ବଦନାମ କରିଛି। ସେଥିମଧ୍ୟରୁ ଫତେଗଡ଼ ଥାନା ଅଧୀନ ନିକଟସ୍ଥ ଏକ ଜଙ୍ଗଲରେ ପୁରୁଷ ବନ୍ଧୁଙ୍କୁ ବାନ୍ଧି ତାଙ୍କ ସାମ୍ନାରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରାଯାଇଥିଲା। ଉଦ୍ବେଗର ବିଷୟ, ଏହି ୯ ମାସରେ ୨୫ ଜଣ ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ହିସାବ ଅନୁସାରେ ନୟାଗଡ଼ ଜିଲ୍ଲାରେ ପ୍ରତି ମାସରେ ହାରାହାରି ୬ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି। କେବଳ ସେତିକି ନୁହେଁ, ଏ ଭିତରେ ଅନ୍ୟ ନାରୀ ନିର୍ଯାତନା ବି ବୃଦ୍ଧି ପାଇଛି। ଗତ ୯ ମାସ ଭିତରେ ୩ ଜଣ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଛି। ଯୌତୁକ ନିର୍ଯାତନା ଅସହ୍ୟ ହେବାରୁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ୧୦୨ ଜଣ ମହିଳାଙ୍କୁ ଯୌତୁକ ନିର୍ଯାତନା ଓ ଅନ୍ୟ କାରଣ ପାଇଁ ୪୫ ଜଣ ମହିଳା ନିର୍ଯାତନାର ଶୀକାର ହୋଇଥିବା ଜଣାପଡ଼ିଛି। ଫଳରେ ନୟାଗଡ଼ ଜିଲ୍ଲାରେ ମହିଳା ଅସୁରକ୍ଷିତ ଥିବା ଏହି ତଥ୍ୟ ପ୍ରମାଣିତ କରୁଛି। ଏଣୁ ଏ ଦିଗରେ ଜିଲ୍ଲା ପୁଲିସ ଆହୁରି ସୁଦୃଢ଼ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରେ ଉତ୍କଳ ଦିବସ ପାଳିତ



ପାରାଦୀପ(ମହାଭାରତ):ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପାରାଦୀପ ରିଫାଇନାରୀ ନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୌସିକ ବସୁ ଯୋଗ ଦେଇ ପାରାଦୀପ ରିଫାଇନାରୀ ଓଡିଶାର ଏକ ଅଂଶ ହୋଇଥିବାରୁ ଗର୍ବିତ ଏବଂ ରାଜ୍ୟର ଅଭିବୃଦ୍ଧି ତଥା ବିକାଶ ପାଇଁ ଇଣ୍ଡିଆନ୍ ଅଏଲ୍ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଯାହାଙ୍କ ପାଇଁ ଓଡିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠିତ ହୋଇଥିଲା ସେମାନଙ୍କ ଅବଦାନକୁ ସେ ସମ୍ମାନ ଦେବା ସହିତ ସେମାନଙ୍କ ଅବଦାନ ଓ ବଳିଦାନ ସବୁ ଦିନ ପାଇଁ ଓଡିଶାବାସୀ ମନେ ରଖିବେ ବୋଲି କହିଥିଲେ । ଉତ୍କଳ ଜ୍ୟୋତି ଅଫିସର୍ସ ମହିଳା କ୍ଲବ୍ ପକ୍ଷରୁ ଓଡିଶାର ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା । ରାଜ୍ୟର କଳା ଏବଂ ସାଂସ୍କୃତିର ସମୃଦ୍ଧିକୁ ପ୍ରଦର୍ଶିତ କରୁଥିବା କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ମହାପ୍ରବନ୍ଧକ (ମାନବ ସମ୍ବଳ) ଶମ୍ଭୁ ଚକ୍ରବର୍ତ୍ତୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମହାପ୍ରବନ୍ଧକ (ଇଏମ୍ଏମ୍) ଧର୍ମେଶ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସିକାରେ ଶିକ୍ଷା ସଚେତନତା ଓ ନୂତନ ଭାବେ ଖଡ଼ି ଛୁଆଁ ନେଇ ଗଡ଼ିଲା ଶିକ୍ଷା ରଥ



ଆସିକା(ମହାଭାରତ): ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ସଭିଏଁ ପିଲାଏ ସ୍କୁଲ ଅଭିମୁଖେ ଯିବା ଏବଂ ବିଦ୍ୟାବନ୍ତ ବିଦ୍ୟାର୍ଥୀ ଓ ବିକଶିତ ଓଡିଶା ଗଠନ ନିମନ୍ତେ ସମସ୍ତେ ମିଳି ମିଶି କାମ କରିବାକୁ ପରାମର୍ଶ ପ୍ରଦାନ କରାଯାଇଛି ।ଏହି ପରିପେକ୍ଷୀରେ ପ୍ରତ୍ୟେକ ଗ୍ରାମ ରେ ଏହି ସଚେତନତା ରଥ ପରିଭ୍ରମଣ କରି ଡ୍ରପ ଆଉଟ ରୋକିବାରେ ସଫଳ ହେବ ବୋଲି ଆଶା ରଖିଛନ୍ତି। ଆଜି ବ୍ଲକ ଶିକ୍ଷା ଅଧିକାରୀଣୀ ମୁନ ରାଣୀ ମହାନ୍ତିଙ୍କ ପ୍ରତେକ୍ଷ୍ୟ ତତ୍ୱାବଧାନରେ ସ୍ଥାନୀୟ ହରିହର ହାଇସ୍କୁଲ ଠାରୁ ଏକ ଶିକ୍ଷା ସମ୍ବନ୍ଧୀୟ ସଚେତନତା ରଥକୁ ଆସିକା ନଗରପାଳିକା ବିନେତା ସ୍ୱାଇଁ, ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ ଓ ସମ୍ବିତ ପାଢ଼ୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା, ହରିହର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଶୋକ ପାଢ଼ୀ,ପ୍ରମୁଖ ଉପସ୍ଥିତ ରହି ଶୁଭ ଉଦଘାଟନ କରିଥିଲେ। ଆଜି ଏହି ରଥ ବାଳିକା ଉଚ୍ଚ ବିଦ୍ୟାଳୟ ଦେଇ ସୁନାମ୍ବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଚଢେଇପଲ୍ଲୀ, ମଙ୍ଗଳପୁର ପଂଚାୟତ ଦେଇ ଗଙ୍ଗାପୁର,, ଗୁଣ୍ଡାପଡା, ନିରାଳ, ରିଷିପୁର, ଦେବଭୂମି,ଦେଇ ଆସ୍କା ସହର ପାକଲାପଲ୍ଲୀ, ତାଲୁକାରୋଡ ମଧ୍ୟରେ ପ୍ରବେଶ କରି ହରିହର ସ୍କୁଲ ରେ ପହଂଚିବା କାର୍ଯ୍ୟକ୍ରମ ରହିଛ ।ଏହି କାର୍ଯ୍ୟକ୍ରମ ରେ ସିଆରସିସି ଅର୍ଚ୍ଚନା ବେହେରା,ରାଧାମୋହନ ଡାକୁଆ,ଚିତ୍ର ସେନ ସେଠୀ,ସୌଦାମିନୀ ହୋତା,ସମୀର କାନ୍ତ ନାୟକ,ଆର. ସିଲା ଦୋରା,ଟୁଲୁ ସେଠୀ,,ଶିଶିର କାନ୍ତ ନାୟକ, ଶିଶିର କାନ୍ତ ବେହେରା,ସରୋଜ ପ୍ରଧାନ,ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ନାମ ଲେଖା କରିଥିବା ବିଦ୍ୟର୍ଥୀ ମାନଙ୍କୁ ସ୍ୱତନ୍ତ୍ର ଉପହାର ଦେଇ ଉତ୍ସାହିତ କରାଯାଇଥିଲା । ଏହି ରଥ ମୋଟ ପାଞ୍ଚ ଦିନ ଧରି ସମସ୍ତ ୨୭ ଗୋଟି ପଂଚାୟତ ସମସ୍ତ ଗ୍ରାମ ଏବଂ ସ୍କୁଲ ମାନରେ ପିଲାମାନଙ୍କୁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରି ପାଠ ପାଇବା ପ୍ରତି ଗୁରୁତ୍ୱ ଦେବାକୁ ସଚେତନତା କରାଯାଇଥିଲା ।

# ୫୦ ଲକ୍ଷରେ କାମ କରି ଖାଇଗଲେ ୩ କୋଟି

## ରାମ ନବମୀ ପୂର୍ବ ରୁ ସରିନପାରେ ମନ୍ଦିର ରୂପାନ୍ତରଣ

ଓଡ଼ଗାଁ ( ମହାଭାରତ ) : ନୟାଗଡ଼ ଓଡ଼ଗାଁ ରଘୁନାଥଙ୍କ ମନ୍ଦିର ରୂପାନ୍ତର ନାଁରେ ତିନି କୋଟି ଟଙ୍କା ହାଡ଼ପ୍ କରାଯାଇଥିବା ହୋଇଛି ଅଭିଯୋଗ। ଭୋଗ ମଣ୍ଡପ ଝୁଲଣ ମଣ୍ଡପ ଏବଂ ମନ୍ଦିର ରଙ୍ଗ ଏବଂ କାରୁକାର୍ଯ୍ୟ କାମ ନ କରି କେବଳ କିଛି ଟା ମରାମତି କରି ଠିକା ସଂସ୍ଥା ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଓଡ଼ଗାଁ ରଘୁନାଥ ମନ୍ଦିରର ରୂପାନ୍ତରଣ ଟଙ୍କା କୁଆଡେ ଗଲା : କିଏ ଖାଇଲା : ମନ୍ଦିର ରୂପାନ୍ତର କାର୍ଯ୍ୟ ନକରି ଠିକା ସଂସ୍ଥା କାମ ବନ୍ଦ କରି ଛୁ ମାରିବା ଘଟଣା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରଘୁନାଥ ମନ୍ଦିରର ରୂପାନ୍ତରଣ ନାଁରେ ୫୦ ଲକ୍ଷ ଟଙ୍କାର ମରାମତି କାମ କରି ବାକି ୩ କୋଟି ଟଙ୍କା ଠିକା ସଂସ୍ଥା ହାଡ଼ପ୍ କରିନେଇଥିବା ନେଇ ରଘୁନାଥଙ୍କ ସେବାୟତ ସଂଘ ଏବଂ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ପ୍ରଭୁ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର ରଙ୍ଗ ସହ କାରୁକାର୍ଯ୍ୟ ଏବଂ ଭୋଗ ମଣ୍ଡପ ଝୁଲଣ ମଣ୍ଡପର ମରାମତି ସହ ରାମ ବିହାର ଏବଂ ମାର୍କେଟ କମ୍ପ୍ଲେକ୍ସ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ପୂର୍ବ ସରକାର ସମୟରେ ମଞ୍ଜୁର ହୋଇଥିଲା। ହେଲେ ସବୁ କାମ ସମ୍ପୂର୍ଣ୍ଣ ନ କରି ମନ୍ଦିର ରୂପାନ୍ତରଣ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ନାଁରେ ଠିକାଦାର ଏବଂ ପୂର୍ତ୍ତ ବିଭାଗର ଅଧିକାରୀ କୋଟି କୋଟି ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ରଘୁନାଥଙ୍କ ପୂଜକ ପରିଷଦ ତରଫରୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟ ଶାସନସଚିବ, ନୟାଗଡ଼



ଜିଲ୍ଲାପାଳ ଓ ନୟାଗଡ଼ ଦେବୋ□ର ବିଭାଗ ତଥା ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ରାମ ନବମୀ ପୂର୍ବରୁ ରଘୁନାଥ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ନ ସରିଲେ ପୂଜକ ପରିଷଦ ଆଇନର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି। ରଘୁନାଥ ଜିଉଙ୍କ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ଲାଗି ପୂର୍ବ ସରକାର ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରିଥିବା ବେଳେ ସ୍ଥାନୀୟ ବିଧାୟକ ଡ.ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଠିକାଦାର କାମ ସଂପୂର୍ଣ୍ଣ ନକରି କୋଟି କୋଟି ଟଙ୍କା ହାଡ଼ପ୍ କରିଥିବା ଅଭିଯୋଗ ହୋଇଛି। ରଘୁନାଥଙ୍କ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ସରିନଥିବା ବେଳେ ସେହିପରି ରାମବିହାର କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଝୁଲଣ ମଣ୍ଡପ ଛାତରୁ ସିମେଣ୍ଟ ଛଡ଼ାଇ କାମ ସଂପୂର୍ଣ୍ଣ ନ କରି ଠିକାଦାର ଛୁ ମାରିଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ରୋଷଘର, ଭଣ୍ଡାର ଘର ଏବଂ ମନ୍ଦିରର ମରାମତି ଓ ରଙ୍ଗ କାମ ଆଦୌ ହୋଇ ନାହିଁ। ଠାକୁରଙ୍କ ଶ୍ରୀରାମ ନବମୀ ଯାତ୍ରା ଆଉ ଅଳ୍ପ ଦିନ ପରେ ଅନୁଷ୍ଠିତ ହେବାୟ ଏହା ପୂର୍ବ ରୁ ମନ୍ଦିର ରୁପାନ୍ତରଣ ନାଁ ରେ କାମ ନ କରି ହୋଇଥିବା କୋଟି କୋଟି ଟଙ୍କା ହାଡ଼ପ୍ ଘଟଣାର ଭିଜିଲାନ୍ସ ତଦନ୍ତ ସହ ଖୁବ୍ ଶୀଘ୍ର ମନ୍ଦିର ରୂପାନ୍ତରଣ କାର୍ଯ୍ୟ ଶେଷ କରିବା ପାଇଁ ରଘୁନାଥ ସେବାୟତ ସଂଘ ପକ୍ଷରୁ ଦାବି କରାଯାଇଛି। ସେପଟେ ନୟାଗଡ଼ ଉପ ଜିଲ୍ଲାପାଳ କହିଛନ୍ତି ରଘୁନାଥ ମନ୍ଦିର ରୂପାନ୍ତର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଠିକା ସଂସ୍ଥାକୁ ତାଗିଦ୍ କରାଯାଇଛି। କାମ ସଂପୂର୍ଣ୍ଣ ନକରି ଯଦି ଟଙ୍କା ଲୁଟ୍ ହୋଇଛି ଅଭିଯୋଗ କଲେ ଠିକା ସଂସ୍ଥା ବିରୋଧ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ରଘୁନାଥଙ୍କ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ଠିକା ସଂସ୍ଥା କାମ ବନ୍ଦ କରି ଛୁ ମାରିବା ଘଟଣା ପୂର୍ତ୍ତ ବିଭାଗର ଭୂମିକା ସନ୍ଦେହ ଘେରରେ ରହିଥିବାରୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ରଘୁନାଥ ପୂଜକ ସମାଜ ପକ୍ଷରୁ ଦାବି କରାଯାଇଛି।

## ମହିଳା ସୁରକ୍ଷା ନେଇ କଂଗ୍ରେସ ର କ୍ୟାଣ୍ଡଲ ଶୋଭାଯାତ୍ରା



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା (ପଶ୍ଚିମ )ପକ୍ଷରୁ ରାଜ୍ୟ ରେ ମହିଳା ମାନଙ୍କ ସୁରକ୍ଷା ଏବଂ ନାରୀ ନିର୍ଯ୍ୟାତନା ବନ୍ଦ କରିବା ନେଇ ଆସିକା ଲୋକସଭା କ୍ଷେତ୍ରରୁ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଗଞ୍ଜାମ ଜିଲ୍ଲା (ପଶ୍ଚିମ ) ସଭାପତି ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ଶର୍ମା ଙ୍କ ସଂଯୋଜନା ରେ କଂଗ୍ରେସ ଦଳର ଆସିକା ସାଂସଦ ପ୍ରାର୍ଥୀ ଆଇନଜୀବୀ ଦେବକାନ୍ତ ଶର୍ମା ଙ୍କ ନେତୃତ୍ୱ ରେ ଶତାଧିକ ଯୁବ ଏବଂ ଛାତ୍ର କଂଗ୍ରେସ ର ଆଗ୍ରହୀ ଯୁବକ ଏହି କ୍ୟାଣ୍ଡଲ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ । କଂଗ୍ରେସ କର୍ମୀ ମାନେ ଆସିକା ସହର ପରିକ୍ରମା କରିଥିଲେ।ଏହି କାର୍ଯ୍ୟକ୍ରମ ରେ ପ୍ରିୟାଂଶୁ ପରିଡା, ଅନେକ କଂଗ୍ରେସ ଦଳ କର୍ମକର୍ତା ଯୋଗ ଦେଇଥିଲେ ।ରାଜ୍ୟ ସରକାର ଏହି ମହିଳା ଓ ଯୁବତୀ ମାନଙ୍କୁ ସୁରକ୍ଷା, ନଦେଲେ ଆଗାମୀ ଦିନରେ କଂଗ୍ରେସ ଦଳ ରୂପ ରେଖ ବଦଳାଇବା ବୋଲି ସତର୍କ ବାଣୀ ଶୁଣାଇ ଦେଇଛି।

## ନିଲମ୍ବିତ ହେଲେ ପୂର୍ବତନ ପଂଚାୟତ ନିର୍ବାହୀ ଅଧିକାରୀ

ପରଜଙ୍ଗ (ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କଙ୍କିଳି ପଞ୍ଚାୟତ ର ପୂର୍ବତନ ପଂଚାୟତ ନିର୍ବାହୀ ଅଧିକରୀ ବିକାଶ କୁମାର ନାୟକ ଙ୍କୁ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ରେ ନିଲମ୍ବନ କରିଛନ୍ତି । ଢେଙ୍କାନାଳ ଜିଲ୍ଲାପାଳ ସୁମେଶ କୁମାର ଉପାଧ୍ୟାୟ ଗତ ୨୦ମାର୍ଚ୍ଚ ରେ କଙ୍କିଳି ପଂଚାୟତ ର ସରପଞ୍ଚ ମକର ଚନ୍ଦ୍ର ସାହୁ ପଂଚାୟତ ର ୨ଟି ଆକାଉ□ ରୁ ବିନା କାର୍ଯ୍ୟ ରେ ପର୍ଯ୍ୟାୟ କ୍ରମେ ୩୦ଲକ୍ଷ୍ୟ ଟଙ୍କା ଉଠାଇ ଆତ୍ମସାତ କରିଥିଲେ। ଯାହାର ପ୍ରମାଣ ପାଇବା ପରେ ପରଜଙ୍ଗ ବିଡ଼ିଓ ସୌଭାଗ୍ୟ ବେହେରା ଥାନା ରେ ଅଭିଯୋଗ କରିବା ପରେ, ତାଙ୍କୁ ପୋଲିସ ଗିରଫ କରି ବିଚାର ବିଭାଗୀୟ ଜେଲ କୁ ପଠାଯାଇଛି ତେବେ ଉକ୍ତ ଘଟଣା ରେ ପୂର୍ବରୁ ଥିବା ପଂଚାୟତ ନିର୍ବାହୀ ଅଧିକାରୀ ବିକାଶ କୁମାର ନାୟକ ଙ୍କ ସମ୍ପୃକ୍ତି ଥିବା ନେଇ, ବିଡ଼ିଓ ଙ୍କ ଅଭିଯୋଗ ଆଧାର ରେ ତାଙ୍କୁ ଜିଲ୍ଲାପାଳ ଗତ ୨୯ ମାର୍ଚ୍ଚ ରେ ନିଲମ୍ବନ କରିଛନ୍ତି ଏବେ ସେ କାମାକ୍ଷାନଗର ଉପଖଣ୍ଡ କାର୍ଯ୍ୟାଳୟ ପ୍ରଶାସନ ଅଧୀନରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉକ୍ତ ଘଟଣା ରେ ସରପ□ଙ୍କୁ ନିଲମ୍ବନ ପାଇଁ ବିଡ଼ିଓ ଚିଠି କରିଛନ୍ତି, ଖୁବ ଶୀଘ୍ର ସରପ□ ମକର ଚନ୍ଦ୍ର ସାହୁ ତାଙ୍କ ପଦ ହରାଇବେ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି ସେପଟେ ଆସନ୍ତା ୧୪ ମହା ବିଷୁବ ପଣା ସଂକ୍ରାନ୍ତି କଙ୍କିଳି ଗାଁ ର ଯାତ୍ରା ଥିବା ବେଳେ, ୨ମାସ ହେ ପଂଚାୟତ ର ଭତ୍ତା ବଣ୍ଟନ ହୋଇନାହିଁ ଯାହାକୁ ନେଇ ଗ୍ରାମବାସୀ ବିଡ଼ିଓ ଙ୍କୁ ଅଭିଯୋଗ କରିଥିଲେ। ଏନେଇ ବିଡ଼ିଓ ଶ୍ରୀ ବେହେରା କହିଛନ୍ତି ସେ ୩ଦିନ ଭିତରେ ୨ମାସ ର ଭତ୍ତା ଦେବାକୁ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି।

## ଜିଲ୍ଲାରେ ଖଡ଼ି ଛୁଆଁ ଏବଂ ପ୍ରବେଶ ଉତ୍ସବ ଅନୁଷ୍ଠିତ

ସୁନ୍ଦରଗଡ଼, (ମହାଭାରତ): ସମଗ୍ର ରାଜ୍ୟରେ ଆଜି ଅନୁଷ୍ଠିତ ହୋଇଯାଇଛି ଖଡ଼ିଛୁଆଁ ଏବଂ ପ୍ରବେଶ ଉତ୍ସବ। ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଏହି ଉତ୍ସବ ମହା ସମାରୋହ ରେ ଆୟୋଜିତ ହୋଇ ଯାଇଅଛି । ପିଲା ମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା, ଦିବ୍ୟାଳୟ ପରିଚାଳନା କମିଟି, ପିତାମାତା, ଅଭିଭାବକ ଏବଂ ଗୋଷ୍ଠି ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ରେ ନାମ ଲେଖା ର ବୟସ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମ୍ବନ୍ଧ ରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଏହି ଖଡ଼ି ଛୁଆଁ ଏବଂ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଅଛି। ପିଲା ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ନୂତନ ଶିକ୍ଷା ନୀତି - ୨୦୨୦ ଅନୁଯାୟୀ ନୂତନ କରି ଶିକ୍ଷା ଆରମ୍ଭ କରିବାକୁ ଥିବା ପିଲା ମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶିଶୁ ବାଟିକା ଆରମ୍ଭ ହୋଇଛି। ଏଥିରେ ପିଲା ମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତି ମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ। ଜିଲ୍ଲା ର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ରେ ନାମଲେଖା ପ୍ରକିୟା କୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମ ର ଆୟୋଜନ ହୋଇଥିଲା। ନୂତନ ଭାବେ ନାମ ଲେଖାଉ ଥିବା ପିଲାମାନଙ୍କୁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ପାରମ୍ପରିକ ରୀତିରେ ଫୁଲତୋଡ଼ା ସହ ଚନ୍ଦନ ଲଗେଇ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ ଯ ପାରମ୍ପରିକ ପଦ୍ଧତିରେ ସେମାନଙ୍କର ଖଡିଛୁଆଁ ହୋଇଥିଲା ।ଏହି ଅବସରରେ ଶଙ୍କରା ସ୍ଥିତ ଗୌଡ଼ ପଡ଼ା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଶ୍ରୀ ମନୋଜ ମହାଜନ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ଯ ଏଥିସହ ପିଲାମାନଙ୍କୁ ଶିକ୍ଷଣୀୟ ଉପକରଣ ମଧ୍ୟ ପ୍ରଦାନ କରିଥିଲେ, ଯେଉଁଥିରେ କି ସ୍କୁଲ ବ୍ୟାଗ ସହିତ ବିଭିନ୍ନ ପାଠ୍ୟକ୍ରମ ସାମଗ୍ରୀ ରହିଥିଲା ।ଏହି ଅବସର ରେ ଜିଲ୍ଲାପାଳ ଶ୍ରୀ ମହାଜନ ଶିକ୍ଷା ସଚେତନତା ରଥ କୁ ମଧ୍ୟ ଶୁଭ ଉଦଘାଟନ କରିଥିଲେ।

## ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମର ଆୟୋଜନ



କୋରାପୁଟ ଜିଲ୍ଲାର ୨୧୬୬ ଗୋଟି ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି, ପିତାମାତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ନାମଲେଖା ବୟସ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଯ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ସରକାରୀ ସେବାଶ୍ରମ, ଜାନିଗୁଡା ଠାରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଙ୍କ ଦ୍ୱାରା ଉଦଘାଟନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଜିଲ୍ଲା ଶିକ୍ଷା ଅଧିକାରୀ, କୋରପୁଟ ବ୍ଲକର ପଂଚାୟତ ସମିତି ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ପିତାମାତା, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ସ୍ୱୟଂସହାୟିକା ଗୋଷ୍ଠୀ ଓ ଅଧିବାସୀମାନେ ସାମିଲ ହୋଇଥିଲେ । ଶିକ୍ଷକ / ଶିକ୍ଷୟିତ୍ରୀ ବିଦ୍ୟାଳୟର ନୂଆ ପିଲାମାନଙ୍କୁ ପାରମ୍ପାରିକ ରୀତିରେ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ଶିକ୍ଷକମାନେ ପିଲାମାନଙ୍କୁ ଆସନ ଉପରେ ବସାଇ ସେମାନଙ୍କ ମୁଣ୍ଡରେ ଚନ୍ଦନ ଟିପା ଲଗାଇ ଦେଇ ଦୁବ, ବରକୋଳି ପତ୍ର ପକାଇ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହାପରେ ଶିକ୍ଷକମାନେ ପ୍ରତି ପିଲାର ହାତ ଧରି ଖଡି ଛୁଆଇଁଥିଲେ । ଖଡି ଛୁଆଁ ପରେ ପିଲାଙ୍କୁ ବିଦ୍ୟାଳୟ ତରଫରୁ ମାଣ୍ଡିଆ ଲଡୁ ଓ କିଟ ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲାପାଳ ପତାକା ଦେଖାଇ କୋରପୁଟ ବ୍ଲକ ନିମନ୍ତେ ଉଦିଷ୍ଟ ଶିକ୍ଷା ସଚେତନତା ରଥ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

## ଓଡିଆ ପକ୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ ଖଡିଛୁଆଁ ଦିବସ




ରାୟଗଡ(ମହାଭାରତ):ଓଡିଆ ପକ୍ଷ ପାଳନ ଅବସରରେ ତା.୦୨.୦୪.୨୦୨୫ ରିଖ ବୁଧବାର କୁ ଖଡିଛୁଆଁ ଦିବସ ପାଳନ ନିମନ୍ତେ ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପତ୍ର ସଂଖ୍ୟା. ୨୦୬୧, ତା ୨୮.୦୩.୨୦୨୫ ରିଖ ନିର୍ଦ୍ଦେଶନାମାନୁଯାୟୀ ରାୟଗଡ଼ ଜିଲ୍ଲାର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ ଠାରେ ଜିଲ୍ଲାପାଳ, ରାୟଗଡ଼,ଶ୍ରୀମତୀ ପାରୁଲ ପାଟାୱାରୀ ମୁଖ୍ୟ ଅତିଥି ଭକ୍ଷବରେ ଯୋଗଦାନ କରି ଶୁଭାରମ୍ଭ କରିଥିଲେ । ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ର ପ୍ରକଳ୍ପ ପ୍ରଶାସକ ଶ୍ରୀ ଚନ୍ଦ୍ର କାନ୍ତ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରମା ଚନ୍ଦ୍ର ନାହାକଙ୍କ ଉପସ୍ଥିତିରେ ଜିଲ୍ଲା ସ୍ତରୀୟ ଖଡିଛୁଆଁ ଦିବସ ପାଳନ ହୋଇଯାଇଛି । ଶିଶୁବାଟିକା ସ୍ତରରେ ୧୩ ଜଣ ନୂତନ ଛାତ୍ରଛାତ୍ରୀ ଙ୍କୁ ଖଡିଛୁଆଁ କରାଯାଇ ଶିଶୁବାଟିକା କିଟ ପ୍ରଦାନ କରଯାଇଥିଲା । ତତ୍ପରେ ଜିଲ୍ଲାପାଳ ମହୋଦୟା ଶିକ୍ଷା ସଚେତନତା ରଥ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ସଚେତନତା ରଥ ଟି ତା.୦୨.୦୪.୨୦୨୫ ରିଖ ରୁ ଆରମ୍ଭ ହୋଇ ତା.୦୫.୦୪.୨୦୨୫ ରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ପ□ାୟତ ପରିକ୍ରମା କରି ବିଦ୍ୟାଳୟରେ ନାମଲେଖା ନିମନ୍ତେ ବାର୍ତ୍ତା ପ୍ରଚାର କରିବ । ସେହିପରି ପ୍ରତ୍ୟେକ ବ୍ଲକରେ ସଚେତନତା ରଥ ପରିକ୍ରମା କରିବ ।ଏହାପରେ ଜିଲ୍ଲାପାଳ ମହୋଦୟା ବାରିଝୋଲା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭ୍ରମଣ କରି ଛାତ୍ରଛାତ୍ରୀ ଙ୍କ ନାମଲେଖା୧ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ରାୟଗଡ ଜିଲ୍ଲାରେ ସମୁଦାୟ ୧୧୧୯ ଟି ବିଦ୍ୟାଳୟ ର ଶିଶୁବାଟିକା ସ୍ତରରେ ୧୧୮୨ ଓ ପ୍ରଥମ ଶ୍ରେଣୀରେ ୭୮୪୩ ଛାତ୍ରଛାତ୍ରୀ ଙ୍କୁ ନାମଲେଖା ନିମନ୍ତେ ଲକ୍ଷ ଧାର୍ଯ୍ୟ କରାଯାଇଛି ଯ ଏହି କାର୍ଯ୍ୟକ୍ରମ ର ତଦାରଖ ନିମନ୍ତେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ବିଭିନ୍ନ ବ୍ଲକର ଦାୟିତ୍ୱ ଦିଆଯାଇଛି । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ବସନ୍ତ କୁମାର ପ୍ରଧାନ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭଜଲାଲ ମାଝୀ,, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ,ଶ୍ରୀ ଛବିଲାଲ ସିଂ ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ଓ ଆଦିବାସୀ ଶିକ୍ଷା ସଂଯୋଜକ ଉପସ୍ଥିତ ରହିଥିଲେ

## ଉତ୍କଳ ଦିବସରେ ରକ୍ତଦାନ ଶିବିର

ବାଲିପାଟଣା: ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଅବସରରେ ପ୍ରିୟଦର୍ଶିନୀ କ୍ଲବ ଓ ' ଆମ ଓଡିଶା ' ଓ ରାଜଧାନୀ ଚକ୍ଷୁ ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ପ୍ରିୟଦର୍ଶିନୀ କ୍ଲବ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଅଛି। ବାଲିପାଟଣା ବ୍ଲକ ଭାକରସାହି ପ୍ରିୟଦର୍ଶିନୀ କ୍ଲବର ଆୟୋଜିତ ରକ୍ତଦାନ ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ଆମ ଓଡିଶା ସଂଯୋଜକ ପ୍ରଭଞ୍ଜନ ପାଣିଗ୍ରାହୀ ଯୋଗଦେଇ ରକ୍ତ ଦାତା ଏବଂ କ୍ଲବ ସଦସ୍ୟ ଙ୍କୁ ଉତ୍ସାହିତ କରିଥିଲେ ପ୍ରିୟଦର୍ଶିନୀ କ୍ଲବ ସଭାପତି ଗୌତମ ଚରଣ ପ୍ରହରାଜ, ସମ୍ପାଦକ ଅରବିନ୍ଦ ସାହୁ, ସୂର୍ଯ୍ୟକାନ୍ତ ସାହୁ , ମନୋଜ କୁମାର ସାହୁ , ଚିନ୍ମୟ ସାହୁ , ରଶ୍ମି ରଞ୍ଜନ ସାହୁ ,ପ୍ରତୀକ ସାହୁ , ଅକ୍ଷୟ ମହାରଣା, ପ୍ରିୟ ନାଥ ସାହୁ, ଅନିଲ ସାହୁ , ପ୍ରଦୀପ କୁମାର ସାହୁ, ସ୍ୱାଧୀନ ସଂଗ୍ରାମ ସାହୁ, ସ୍ୱାଭିମାନ ସାହୁ ଏବଂ କ୍ଲବ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ କଟକ ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ ଶିବିର ପରିଚାଳନା ଦାୟିତ୍ୱ ତୁଲାଇଥିଲେ ।

## ସଂଘବଦ୍ଧ ଆକ୍ରମଣରେ ଯୁବକ ଲହୁଲୁହାଣ

ବାଲିଅନ୍ତା (ମହାଭାରତ )- ଭୁବନେଶ୍ୱର ଏବଂ ଏହାର ଆଖ ପାଖରେ ଏବେ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି ଦୁର୍ବୃତ୍ତ ମନେ ରାସ୍ତା ଉପରେ ମଧ୍ୟ ଆକ୍ରମଣ କରିବାକୁ ପଛାଉନାହାନ୍ତି ତେବେ ବାଲିଅନ୍ତା ବ୍ଲକ ବଇଁଚୁଆ ପଞ୍ଚାୟତ ସମିତି ସଭ୍ୟ ଏବଂ ତାଙ୍କର ୨ ଜଣ ସହଯୋଗୀଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି । ଆହତ ଯୁବକ ହେଲେ ବଇଁଚୁଆର ଜିତେନ୍ଦ୍ର ବାରିକ। ଜିତେନ୍ଦ୍ର ମଙ୍ଗଳବାର ପୂର୍ବାହ୍ନ ୧୦ ଟା ସମୟରେ ଗାଁ ଛକରେ ଠିଆ ହୋଇଥିବା ବେଳେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରାଯାଇଛି । ଜିତେନ୍ଦ୍ରଙ୍କ ମୁଣ୍ଡ ଏବଂ ଶରୀର ଗଭୀର ।ତାକ୍ତ ହୋଇଛି। ପରିବାର ଲୋକେ ଜିତେନ୍ଦ୍ରଙ୍କୁ ଚିକିତ୍ସା ନେଇ ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ହେଲେ ଅବସ୍ଥା ସଂକଟାପର୍ଣ୍ଣ ହେବାକୁ ହାଇଟେକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଜିତେନ୍ଦ୍ର ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଥାନାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୂର୍ବ ଶତ୍ରୁତାକୁ ଭିତ୍ତି କରି ଜିତେନ୍ଦ୍ରଙ୍କୁ ମାଡ଼ ମାରିବା ସହ ଲୁହା ଛଡ଼ରେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି । ଆକ୍ରମଣ ସମୟର ସିସି କ୍ୟାମେରା ଫୁଟେଜ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ଏବେ ଜିତେନ୍ଦ୍ର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି । ପୁଲିସ ଏହି ଘଟଣା ରେ ମାମଲା ଜୁକରୀ ତଦନ୍ତ ଆରମ୍ଭ କରିଛି କମିଶନର ଜିତେନ୍ଦ୍ରଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଦୃଷ୍ଟି ଦେବାକୁ ପରିବାର ପକ୍ଷରୁ ଦାବି ହେଉଛି ।

## ସେଣ୍ଟଜାଭିୟର ହାଇସ୍କୁଲ ପକ୍ଷରୁ ରକ୍ତ ଦାନ ଶିବିର

ହାଟଡିହି: ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ରକ୍ତଦାନ ଶିବିର ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ ପରିଚାଳନା ଓ ନିର୍ଦ୍ଦେଶକ ଉଦୟନାଥ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଉତ୍କଳ ଦିବସ ଉପଲକ୍ଷେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଯୁବ ସମାଜ ସେବୀ ଆଲୋକ ସେଠୀ ଉପସ୍ଥିତ ତ ରହି ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ। ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ନାରୀ ନେତ୍ରୀ ମିନତି ମହାପାତ୍ର ଉପସ୍ଥିତ ରହିଥିଲେ। ଏଥିରେ ୧୯ ୟୁନିଟି ରକ୍ତ ସଂଗ୍ରହକରାଯାଇଥିଲା। ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ଅତିଥି ମାନେ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ରକ୍ତ ଦାନ କ୍ୟାମ୍ପ ପାର୍ଥ ସାରଥି ଜେନା, ବିଜୟ କୁମାର ପହି, ଦେବନ୍ଦ୍ର ନାଥ ପାଢ଼ୀ, ଦୟାନିଧି ଚିନାରା, ପ୍ରଶାନ୍ତ କୁମାର ଦାସ, ହିମାଶୁ ରଞ୍ଜନ ବାରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆନନ୍ଦପୁର ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା।



## ଇସ୍ରୋ ସେୟାର କଲା ଭୂକମ୍ପ ପୂର୍ବ ଓ ପରର ଫଟୋ

**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ମିଆଁମାରରେ ଭୂକମ୍ପ ମୃତ୍ୟୁସଂଖ୍ୟା ୨ ହଜାର ଟପିଯାଇଛି । ଗତସୋମବାର ଦେଶର ସାମରିକ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭୂକମ୍ପରେ ୨,୦୫୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩,୯୦୦ ଆହତ ହୋଇଛନ୍ତି । ପାଖାପାଖି ୨୭୦ ଜଣ ନିଖୋଜ ଅଛନ୍ତି । ଭାରତୀୟ ମହାକାଶ ଗବେଷଣା ସଂଗଠନ କିଛି ଫଟୋ ଜାରି କରିଛି । ଏହି ଫଟୋଗୁଡ଼ିକରେ ମ୍ୟାମାରରେ ଭୂମିକମ୍ପ ପରର ଦୃଶ୍ୟ ଦେଖିବାକୁ ମିଳୁଛି । ମାର୍ଚ୍ଚ ୨୮ରେ ମ୍ୟାମାରରେ ହୋଇଥିବା ଭୂମିକମ୍ପ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା । ଏହି ବିପର୍ଯ୍ୟୟରେ ହଜାରହଜାର ଲୋକ ପ୍ରାଣ ହରାଇଥିଲେ । ଇସ୍ରୋର ସାଟେଲାଇଟ୍ କାର୍ଟୋସେଟ-୩ ମାର୍ଚ୍ଚ ୧୮ରେ ମ୍ୟାମାରର ମେଣ୍ଡେଲ ଏବଂ ସେଗେଙ୍ଗ ସହରର କିଛି ଅଞ୍ଚଳର ଫଟୋ ଉଠାଇଥିଲା । ଭୂମିକମ୍ପ ପରେ କାର୍ଟୋସେଟ-୩ ମାର୍ଚ୍ଚ ୨୯ରେ ଉଠାଇଥିବା ଫଟୋଗୁଡ଼ିକରେ ଉକ୍ତ ଅଞ୍ଚଳଗୁଡ଼ିକରେ ଭୂମିକମ୍ପର ତୀବ୍ରତା କେତେ ଶକ୍ତିଶାଳୀ ଥିଲା ତାହା ଦେଖିବାକୁ ମିଳୁଛି । କାର୍ଟୋସେଟ-୩ ହେଉଛି ଏକ ତୃତୀୟ ପିଢ଼ିର ଉନ୍ନତ ଉପଗ୍ରହ, ଯାହା ଭୂମିର ଉଚ୍ଚ ରିଜୋଲ୍ୟୁସନ୍ ଫଟୋ ଉଠାଇବାରେ ସକ୍ଷମ ହୋଇଥାଏ । ଇସ୍ରୋର ଫଟୋଗୁଡ଼ିକ ଦର୍ଶାଉଛି ଯେ ଭୂମିକମ୍ପ ପରର ଓ ପୂର୍ବର ଅବସ୍ଥା କିପରି ଥିଲା ।

## ତାମିଲନାଡୁରେ ସଭାପତି ପଦରୁ ହଟିପାରନ୍ତି ଅନ୍ନାମଲାଇ

**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ଯେବେଠୁ AIADMKର ନେତା ବିଜେପି ଶ୍ରେଷ୍ଠ ଅମିତ ଶାହାଙ୍କୁ ଭେଟିଛନ୍ତି, ସେବେଠୁ ସରଗରମ ହେଉଛି ତାମିଲନାଡୁ ରାଜନୀତି । ଗୋଟିଏ ପଟେ ବିଜେପି ଏବଂ ଏଆଇଏଡିଏମକେ ଭିତରେ ମେଣ୍ଟ ଚର୍ଚ୍ଚା ଜୋର ଧରିଥିବାବେଳେ, ଅନ୍ୟପଟେ ଖୁବଶୀଘ୍ର ବିଜେପିର ତାମିଲନାଡୁ ପ୍ରଦେଶ ଅଧ୍ୟକ୍ଷ କେ ଅନ୍ନାମଲାଇଙ୍କୁ ପଦରୁ ହଟାଯାଇପାରେ ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି, ଅନ୍ନାମଲାଇଙ୍କୁ ପ୍ରଦେଶ ଅଧ୍ୟକ୍ଷ ପଦରୁ ହଟାଇବା ବିଜେପି ଏବଂ ଏଆଇଏଡିଏମକେ ମଧ୍ୟରେ ହେବାକୁ ଯାଉଥିବା ମେଣ୍ଟର ଅୟମାରମ୍ଭ । ତେଣୁ ଜାତିଗତ ସନ୍ତୁଳନର ଦୃଷ୍ଟି ଦେଇ, ବିଜେପି ଖୁବଶୀଘ୍ର ତାମିଲନାଡୁରେ ନିଜର ନେତା ପରିବର୍ତ୍ତନ କରିପାରେ । ତାମିଲନାଡୁ ରାଜନୀତିରେ କେ ଅନ୍ନାମଲାଇ ହେଉଛନ୍ତି ଜଣେ ଚର୍ଚ୍ଚିତ ଚେହେରା । ୨୦୨୦ ମସିହାରେ ବିଜେପିରେ ଯୋଗ ଦେଇଥିବା ଅନ୍ନାମଲାଇ ତାଙ୍କର ଆକ୍ରମଣାତ୍ମକ ଏବଂ ସ୍ପଷ୍ଟବାଦୀ ନେତୃତ୍ୱ ଶୈଳୀ ପାଇଁ ବେଶ ଚର୍ଚ୍ଚାରେ ରହିଆସିଛନ୍ତି । ସେ ତାମିଲନାଡୁରେ ବିଜେପିକୁ ଏକ ନୂତନ ପରିଚୟ ଦେବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କର ଏହି ଆଭିମୁଖ୍ୟ ଏଆଇଏଡିଏମକେ ସହିତ ବିବାଦ ସୃଷ୍ଟି କରିଥିଲା । ହେଲେ ଏବେ ଦୁଇ ଦଳ ମଧ୍ୟରେ ମେଣ୍ଟର ସମ୍ଭାବନା ଚର୍ଚ୍ଚାରେ ରହିଛି । ଖାସ୍ କରି ୨୦୨୪ ଲୋକସଭା ନିର୍ବାଚନ ପରେ, ବିଜେପି



ଦକ୍ଷିଣ ଭାରତରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏବେ ଆଞ୍ଚଳିକ ଦଳଗୁଡ଼ିକ ସହିତ ଯୋଗାଯୋଗ ଉପରେ ଧ୍ୟାନ ଦେବା ଆରମ୍ଭ କରିଛି । ଏହାରି ଭିତରେ କିନ୍ତୁ ତାମିଲନାଡୁରେ ଏଆଇଏଡିଏମକେ ସହିତ ଅନ୍ନାମଲାଇଙ୍କ ସମ୍ପର୍କ ଭଲ ନାହିଁ । ଯେଉଁ କାରଣରୁ ସେ ଯେପର୍ଯ୍ୟନ୍ତ ବିଜେପିର ରାଜ୍ୟ ସଭାପତି ଅଛନ୍ତି, ସେପର୍ଯ୍ୟନ୍ତ ଏଆଇଏଡିଏମକେ ସହିତ ବିଜେପି ମେଣ୍ଟ ହେବାର କୌଣସି ସମ୍ଭାବନା ନାହିଁ ବୋଲି କୁହାଯାଉଛି । ତେଣୁ ତାଙ୍କୁ ସଭାପତି ପଦରୁ ହଟେଇ, ଏଆଇଏଡିଏମକେ ସହିତ ମେଣ୍ଟ କରିପାରେ ପଦ୍ମ ଦଳ । ମିଳିଥିବା ସୂଚନା ମୁତାବକ, ବିଜେପି ହାଇକମାଣ୍ଡ ଏବେ ତାମିଲନାଡୁରେ ଏପରି ଜଣେ ନେତାଙ୍କୁ ଖୋଜୁଛନ୍ତି ଯିଏ କେବଳ ଦଳର ବିରୋଧାଭାସକୁ ଆଗକୁ ନେଇପାରିବେ ନାହିଁ ବରଂ ରାଜ୍ୟର ଜାତି ସମୀକରଣକୁ ମଧ୍ୟ ସନ୍ତୁଳିତ କରିପାରିବେ । ତାମିଲନାଡୁ ରାଜନୀତିରେ ଜାତି ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇଛି । ଅନ୍ନାମଲାଇ ସାମ୍ପ୍ରତିକ ସମୟରେ ଯୁବପିଢ଼ି ଏବଂ ସହରୀ ଭୋଟରମାନଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିଛନ୍ତି, କିନ୍ତୁ ତାଙ୍କର ପ୍ରତିଛବିକୁ ଜଣେ ଧ୍ରୁବୀକରଣକାରୀ ନେତା ଭାବରେ ମଧ୍ୟ ଦେଖାଯାଉଛି । ତେଣୁ ତାଙ୍କୁ ହଟେଇ, ବିଜେପି ତାମିଲନାଡୁରେ ଜଣେ ନୂଆ ନେତାଙ୍କ ସନ୍ଧାନରେ ରହିଛି । ତେବେ ଏହି ସମ୍ଭାବ୍ୟ ପରିବର୍ତ୍ତନ ତାମିଲନାଡୁର ରାଜନୀତିରେ ହଇଚଇ ସୃଷ୍ଟି କରିଛି । କିଛି ରାଜନୈତିକ ବିଶ୍ଳେଷକଙ୍କ କହିବା କଥା ଯେ, ଅନ୍ନାମଲାଇଙ୍କ ପ୍ରସ୍ଥାନ ବିଜେପି ପାଇଁ ବିପଦପୂର୍ଣ୍ଣ ହୋଇପାରେ, କାରଣ ସେ ରାଜ୍ୟରେ ଦଳକୁ ଏକ ନୂତନ ଶକ୍ତି ଦେଇଥିଲେ । ଅନ୍ୟପକ୍ଷରେ ଆଉ କିଛି ଜଣଙ୍କ କହିବା କଥା, ଅନ୍ନାମଲାଇଙ୍କ ପ୍ରସ୍ଥାନ ପରେ ହିଁ ମେଣ୍ଟ ସହଜ ହୋଇପାରିବ ।

## ଭୂପେଶ ବାଘେଲଙ୍କ ଘରୁ ୩୩ ଲକ୍ଷ ଟଙ୍କା ଜବତ

**ନୂଆଦିଲ୍ଲୀ,୨।୪ (ଏଜେନ୍ସି):** ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ବାସଭବନରେ ବୁଧବାର ସକାଳୁ ସିବିଆଇ ଚଢ଼ାଉ ହେଉଛି । ମହାଦେବ ବେଟିଂ ଆପ୍ ମାମଲାରେ ବୁଧବାର ଦିନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କଂଗ୍ରେସ ମହାସଚିବ ତଥା ପୂର୍ବତନ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଚଢ଼ାଉ କରିଛି । ଦିଲ୍ଲୀରେ କଂଗ୍ରେସ ମୁଖ୍ୟାଳୟରେ ଏକ ବୈଠକରେ ଯୋଗଦେବା ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ଦଳର ଅଧିକାରୀମାନେ ରାୟପୁର ଏବଂ ଭିଲାଇରେ ପହଞ୍ଚିଥିଲେ । ଏକ ଏକ୍ସ ପୋଷ୍ଟରେ ଏନେଇ ସୂଚନା ପ୍ରଦାନ କରାଯାଇଛି । ଏକ୍ସ ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ ଏବେ ସିବିଆଇ ଆସିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ୮ ଏବଂ ୯ ଏପ୍ରିଲରେ ଅହମ୍ମଦାବାଦ (ଗୁଜରାଟ)ରେ ଅନୁଷ୍ଠିତ ହେବାକୁ ଥିବା ଏଆଇସିସି ବୈଠକ ପାଇଁ ଗଠିତ ଡ୍ରାଫ୍ଟିଂ କମିଟିର ବୈଠକ ପାଇଁ ଆଜି ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମଧ୍ୟ ସିବିଆଇ ରାୟପୁର ଏବଂ ଭିଲାଇ ବାସଭବନରେ ପହଞ୍ଚିଛି । ମାର୍ଚ୍ଚ ୧୦ ତାରିଖରେ ସମାନ ମାମଲା ସହିତ ଜଡ଼ିତ ଦୁର୍ଗ ଜିଲ୍ଲାର ୧୪ଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ାଉ କରାଯିବାର କିଛି ଦିନ ପରେ ଏହା ଆସିଛି । ତେବେ ଚଢ଼ାଉ ବେଳେ ମିଳିଥିବା ୩୩ ଲକ୍ଷ ଟଙ୍କା ଋଷ, ଦୁଗ୍ଧ ଏବଂ ପରିବା ବେପାରରୁ ଆୟ ହୋଇଛି ବୋଲି ବାଘେଲ କହିଛନ୍ତି ।



## ବର୍ଷକରେ ୫୫ ଗିଗାଟନ୍ ବରଫ ହରାଇଲା ଗ୍ରୀନଲାଣ୍ଡ

**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ବିଶ୍ୱ ତାପନ ଯୋଗୁ ସାରା ବିଶ୍ୱରେ ଗ୍ଲେସିଅର ତରଳୁଛି । ମେରୁ ବରଫ ଉଦରରେ ଏହାର ପ୍ରଭାବ ସବୁଠୁ ଅଧିକ ଦେଖିବାକୁ ମିଳୁଛି । ବିଶ୍ୱର ୮ ପ୍ରତିଶତ ମଧୁର ଜଳ ଧାରଣ କରୁଥିବା ଗ୍ରୀନ୍ଲାଣ୍ଡ ବରଫ ଉଦର ଲଗାତାର ୨୮ ବର୍ଷ ହେଲା ନିଜର ବରଫ ହରାଇ ଚାଲିଛି । ନ୍ୟାସନାଲ ଓସେନିକ୍ ଆଣ୍ଡ ଆଟ୍ମୋସଫିୟରିକ୍ ଆଡ୍ମିନିଷ୍ଟ୍ରେସନ୍ (ନୋଆ) ଦର୍ଶାଉଛି, ଗ୍ରୀନ୍ଲାଣ୍ଡ ୨୦୨୩ରୁ ୨୦୨୪ ମଧ୍ୟରେ ୫୫ ଗିଗାଟନ୍ ବରଫ ଓ ତୁଷାର ହରାଇଛି । ଜାଣି ଆଶ୍ଚର୍ଯ୍ୟ ହେବେ, ୧୯୯୨ ମସିହାରୁ ଏହା ୫ ଟ୍ରିଲିଅନ୍ ଟନରୁ ଅଧିକ ବରଫ ହରାଇ ଦେଇଛି । କେତେ ପରିମାଣର ବରଫ ଜଳୀୟ ବାଷ୍ପରେ ରୂପାନ୍ତର ହୋଇଛି, ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ପ୍ରଥମ ଥର ଗ୍ରୀନ୍ଲାଣ୍ଡ ବରଫ ଉଦର ପୃଷ୍ଠରୁ ଉପରେ ଜଳୀୟ ବାଷ୍ପର ମାତ୍ରାର ତଥ୍ୟ ସଂଗ୍ରହ କରିଛନ୍ତି । ଜେନେରାଲ ଆଟ୍ମୋସଫିୟର୍ସରେ ଅଧ୍ୟୟନର ତଥ୍ୟ ପ୍ରକାଶ ପାଇଛି । ଦ୍ରୁତ ଉତ୍ତପ୍ତ ହେଉଥିବା ମେରୁ କ୍ଷେତ୍ରରେ ବରଫ-କ୍ଷୟର ମାତ୍ରା ସଠିକ୍ ଆକଳନ କରିବାରେ ଏହି ଅଧ୍ୟୟନ ବୈଜ୍ଞାନିକଙ୍କୁ ସାହାଯ୍ୟ କରିଛି । ଅଧ୍ୟୟନର ଲେଖକ କେଭିନ ରୋଜମିଆରେକ୍ କହିଛନ୍ତି,



ଜଳୀୟ ବାଷ୍ପ କୁଆଡ଼େ ଯାଉଛି ତାହା ଅସ୍ପଷ୍ଟ । କିଛି ତୁଷାର ଭାବେ ତଳକୁ ଫେରିପାରେ କିମ୍ବା ପରେ ପୃଷ୍ଠରେ ପୁଣି ଜମା ହୋଇପାରେ । କିନ୍ତୁ କିଛି ବରଫ ଗ୍ରୀନ୍ଲାଣ୍ଡର ଜଳ ପ୍ରଣାଳୀକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ି ଦେଇପାରନ୍ତି । ମଝି ଆକାଶରେ ନମୁନା ସଂଗ୍ରହ କରିବାକୁ ବିମାନ ପଠାଇବାର ପାରମ୍ପରିକ ପଦ୍ଧତି ଅତ୍ୟନ୍ତ ମହଙ୍ଗା ଥିଲା । ତେଣୁ ବୈଜ୍ଞାନିକମାନେ ୧୦ ଫୁଟର ପକ୍ଷଯୁକ୍ତ ଏକ ବଡ଼ ଡ୍ରୋନରେ ବାୟୁ ନମୁନା ସଂଗ୍ରହର ଉପକରଣ ସଂଲଗ୍ନ କଲେ । ପୂର୍ବ ଗ୍ରୀନ୍ଲାଣ୍ଡ ଆଇସ୍-କୋର୍ ପ୍ରୋଜେକ୍ଟ କ୍ୟାମ୍ପରୁ ଡ୍ରୋନ୍ ୧୦୪ ଥର ଉଡ଼ି ଭୂମିଠୁ ପ୍ରାୟ ୫ ହଜାର ଫୁଟ ଉପରେ ବିଭିନ୍ନ ଉଚ୍ଚତାରେ ବାୟୁ ନମୁନା ସଂଗ୍ରହ କଲା । ସେମାନେ ଉତ୍ପାଦିତ ସ୍ଥାନ ଓ ଗର୍ତ୍ତରୁ ପ୍ରବାହିତ ଜଳର ନମୁନା ସଂଗ୍ରହ କଲେ, ଯାହା ଗ୍ରୀନ୍ଲାଣ୍ଡ ବରଫ ଉଦର ପୃଷ୍ଠରେ ଥିବା ତୁଷାର । ପ୍ରତ୍ୟେକ ନମୁନାରେ ସେମାନେ ଉଦ୍ଜାନ ଓ ଅମ୍ଳଜାନର ମାତ୍ରାକୁ ଚିହ୍ନଟ କଲେ । ଗ୍ରୀନ୍ଲାଣ୍ଡରେ ବାସ୍ତବରେ କ'ଣ ଘଟିବାକୁ ଯାଉଛି, ତାହା ଯଥା ସମ୍ଭବ ସଠିକ୍ ଅନୁମାନ କରିବାରେ ସକ୍ଷମ ହେବା ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ବୋଲି ରୋଜ୍ମିଆରେକ୍ କହିଛନ୍ତି । ପ୍ରତ୍ୟେକ ଉଚ୍ଚରୁ ସଂଗ୍ରହ କରାଯାଇଥିବା ତଥ୍ୟର ଗୁରୁତ୍ୱକୁ ଏହା ଦର୍ଶାଉଛି, ଯାହା ଅଧ୍ୟୟନ ମଡେଲ୍ର ଉନ୍ନତିରେ ସାହାଯ୍ୟ କରିବ ।

## ୟୁପିଆଇରେ ବଡ଼ ପରିବର୍ତ୍ତନ ହେବ

**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ)ର ବ୍ୟବହାର କରୁଥିବା ଲକ୍ଷ ଲକ୍ଷ ୟୁଜର୍ସଙ୍କ ପାଇଁ ଖୁବଶୀଘ୍ର ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ(ଏନପିସିଆଇ) ପକ୍ଷରୁ ବ୍ୟାଙ୍କ ଓ ୟୁପିଆଇ ଆପ୍ସ ପାଇଁ ନୂଆ ଗାଇଡଲାଇନ୍ ଜାରି କରାଯାଇଛି, ଯାହାକି ଏପ୍ରିଲ ୧ରୁ ଲାଗୁ ହେବ । ୟୁପିଆଇ ଟ୍ରାଞ୍ଜାକସନକୁ ଅଧିକ ସୁରକ୍ଷିତ କରିବା ହେଉଛି ଏନପିସିଆଇର ଏହି ନୂଆ ଗାଇଡଲାଇନ ପଛର ଉଦ୍ଦେଶ୍ୟ । ଏହି ପରିବର୍ତ୍ତନ ଫଳରେ ବ୍ୟାଙ୍କ ଓ ୟୁପିଆଇ ପ୍ରଦାତାଙ୍କୁ ପ୍ରତି ସପ୍ତାହରେ ୟୁପିଆଇର ମୋବାଇଲ



ନମ୍ବରର ତଥ୍ୟ ଅପଡେଟ କରିବାକୁ ପଡ଼ିବ । ଯାହାଦ୍ୱାରା କି ଭୁଲ ଟ୍ରାଞ୍ଜାକସନ ସହ ଜଡ଼ିତ ସମସ୍ୟାକୁ ରୋକାଯାଇ ପାରିବ । ଏଥିସହିତ ୟୁପିଆଇ ଆଇଡି ଆସାଇନ କରିବା ପୂର୍ବରୁ ୟୁଜର୍ସଙ୍କ ଠାରୁ ଅନୁମତି ନେବା ଜରୁରୀ କରାଯାଇଛି । ଏନପିସିଆଇର ନୂଆ ଗାଇଡଲାଇନର ଉଦ୍ଦେଶ୍ୟ ହେଉଛି, ୟୁପିଆଇ ଟ୍ରାଞ୍ଜାକସନକୁ ଅଧିକ ସୁରକ୍ଷିତ କରିବା । ଅଧିକାଂଶ ସମୟରେ ମୋବାଇଲ ନମ୍ବର ବଦଳିବା ବା ନୂଆ ଗ୍ରାହକଙ୍କୁ ରି-ଆସାଇନ କରାଯିବା କାରଣରୁ ଭୁଲ ୟୁପିଆଇ ଟ୍ରାଞ୍ଜାକସନର ଆଶଙ୍କା ବଢ଼ିଯାଇଥାଏ । ଏହାକୁ ଧ୍ୟାନରେ ରଖି ମୋବାଇଲ ନମ୍ବରକୁ ନିୟମିତ ଭାବେ ଅପଡେଟ କରିବାକୁ ବ୍ୟାଙ୍କ ଓ ୟୁପିଆଇ ଆପ୍ସକୁ ଏନପିସିଆଇ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ପୁରୁଣା ମୋବାଇଲ ନମ୍ବର କାରଣରୁ ହେଉଥିବା ତ୍ରୁଟିକୁ ରୋକାଯାଇପାରିବ ଓ ୟୁପିଆଇ ସିଷ୍ଟମ ପୂର୍ବାପେକ୍ଷା ଅଧିକ ସେଫ ଓ ଭରସାଯୋଗ୍ୟ ହୋଇପାରିବ ।

## ବଙ୍ଗୋପସାଗରେ କ୍ଷମତା ବିସ୍ତାର ପାଇଁ ଚାଇନାକୁ ନିମନ୍ତ୍ରଣ



**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ଅସଲ ଚେହେରା ଦେଖାଇଛି ବାଂଲାଦେଶ । ଅନ୍ତରୀଣ ସରକାର ମହମ୍ମଦ ୟୁନୁସଙ୍କ ଚୀନ ଗସ୍ତ ପରେ ଯେଉଁ ବୟାନ ଦେଇଛନ୍ତି ତାକୁ ନେଇ ବିବାଦ ଦେଖାଯାଇପାରେ । ନିକଟରେ ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ଚୀନ ଗସ୍ତ କରିଥିଲେ । ଏହି ଗସ୍ତରେ ମହମ୍ମଦ ୟୁନୁସ୍ ଭାରତର ଉତ୍ତର-ପୂର୍ବ ଭାରତର ସ୍ଥିତି ବିଷୟରେ ଚୀନ୍ ସହ ଆଲୋଚନା କରିଛନ୍ତି । ବାଂଲାଦେଶରେ ନିଜର ଅର୍ଥନୈତିକ ପ୍ରଭାବ ବଢ଼ାଇବାକୁ ୟୁନୁସ୍ ଚୀନକୁ ନିବେଦନ କରିଛନ୍ତି । ମହମ୍ମଦ ୟୁନୁସ୍ ଆହୁରି ମଧ୍ୟ କହିଛନ୍ତି , ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଉପସ୍ଥିତି ଏକ ସୁଯୋଗ ସାବ୍ୟସ୍ତ ହୋଇପାରେ । ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ମଧ୍ୟ ୪ ଦିନିଆ ଚୀନ ଗସ୍ତ ସମୟରେ ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ସହ ଆଲୋଚନା କରିଥିଲେ । ସୋମବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ୟୁନୁସ୍ଙ୍କ ଗସ୍ତର ଏହି ଭିଡିଓରେ ଯେଉଁଥିରେ ୟୁନୁସ କହୁଛନ୍ତି, ଭାରତର ପୂର୍ବ ଭାଗରେ ଥିବା ସାତଟି ରାଜ୍ୟକୁ ସାତ ଭଉଣୀ କୁହାଯାଏ । ସେଗୁଡ଼ିକ ହେଉଛି ଜମି ଘେରା ଅଞ୍ଚଳ । ସମୁଦ୍ର ରେ ପହଞ୍ଚିବା ପାଇଁ ସେମାନଙ୍କ ପାଖରେ କୌଣସି ରାସ୍ତା ନାହିଁ । ବାଂଲାଦେଶ ସମୁଦ୍ରର ଏକମାତ୍ର ଅଭିଭାବକ । ଚୀନ୍ ଅର୍ଥନୀତି ବୃଦ୍ଧି ପାଇଁ ଏହା ଏକ ବଡ଼ ସମ୍ଭାବନା ସୃଷ୍ଟି କରିବ । ଏହା ଏକ ବଡ଼ ସୁଯୋଗ ହୋଇପାରେ ବୋଲି ୟୁନିସ୍ କହିଛନ୍ତି ।

## ଉତ୍ତରାଖଣ୍ଡର ୧୧ଟି ସ୍ଥାନର ନାମ ପରିବର୍ତ୍ତନ

**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପାହାଡ଼ି ରାଜ୍ୟଗୁଡ଼ିକର ହରିଦ୍ୱାର, ଡେରାଡୁନ୍, ନୈନିତାଲ ଏବଂ ଉଧମ ସିଂହ ନଗର ଜିଲ୍ଲାର ୧୧ଟି ସ୍ଥାନର ନାମ ପରିବର୍ତ୍ତନ ଘୋଷଣା କରିଛନ୍ତି । ଯାହାପରେ ବିରୋଧୀ ଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ହିନ୍ଦୁ ଦେବତା, ପୌରାଣିକ ବ୍ୟକ୍ତିତ୍ୱ, ପ୍ରମୁଖ ବିଜେପି ଏବଂ ଆରଏସଏସ ନେତାମାନଙ୍କୁ ସମ୍ମାନ ଜଣାଇବା ପାଇଁ ନିଆଯାଇଥିବା ଏହି ନିଷ୍ପତ୍ତିକୁ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ ଏବଂ କଂଗ୍ରେସ ସାଂସଦ ଇମ୍ରାନ ମାସୁଦଙ୍କ ଭଳି ନେତାମାନେ ତୀବ୍ର ସମାଲୋଚନା କରିଛନ୍ତି । ସେମାନେ ରାଜ୍ୟର ପ୍ରକୃତ ସମସ୍ୟାର ସମାଧାନ ଅପେକ୍ଷା ସାଙ୍କେତିକ ନାମ ପରିବର୍ତ୍ତନକୁ ପ୍ରାଥମିକତା ଦେଉଥିବା ଅଭିଯୋଗ କରିଛନ୍ତି । ଜନସାଧାରଣଙ୍କ ଭାବନା ଏବଂ ଭାରତୀୟ ସଂସ୍କୃତି ଏବଂ ଐତିହ୍ୟ ଅନୁଯାୟୀ ବିଭିନ୍ନ ସ୍ଥାନର ନାମ ପରିବର୍ତ୍ତନ କରାଯାଉଛି ।



ଭାରତୀୟ ସଂସ୍କୃତି ଏବଂ ଏହାର ସଂରକ୍ଷଣରେ ଅବଦାନ ରଖିଥିବା ମହାପୁରୁଷଙ୍କ ନାମରେ ସେଗୁଡ଼ିକର ନାମକରଣ କରାଯାଉଛି, ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସମୟରେ କହିଥିଲେ । ବିଜେପି ନେତୃତ୍ୱାଧୀନ ଉତ୍ତରାଖଣ୍ଡ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ହରିଦ୍ୱାରର ଇଙ୍କସ୍ୱ ରଙ୍ଗଜେବପୁରର ନାମ ଶିବାଜୀ ନାଗର, ଗାଜୱାଲୀ ଆର୍ଯ୍ୟ ନାଗର, ଚାନ୍ଦପୁର ଜ୍ୟୋତିବା ଫୁଲେ ନାଗର, ମହମ୍ମଦପୁର ଜାଟ ମୋହନପୁର ଜାଟ, ଖାନପୁର ଶ୍ରୀ କୃଷ୍ଣପୁର, ଅମନପୁର କୁରସାଲୀ, ଅମୃତପୁର କୁରସାଲୀ ଆକବରପୁର ଫଜଲପୁରରୁ ବିଜୟନଗର ଦେହରାଡୁନ୍ ଜିଲ୍ଲାରେ ମିଆନୱାଲା ପରିବର୍ତ୍ତନ ହୋଇ ରାମଜୀୱାଲା ହୋଇଥିବା ବେଳେ ପିରୱାଲା ହୋଇଛି କେଶରୀ ନଗର, ଚାନ୍ଦପୁର ଖୋର୍ଦ୍ଦକୁ ପ୍ରୀତିରାଜ ନଗର ଏବଂ ଅବଦୁଲ୍ଲାପୁରକୁ ଡାକଶନଗରକୁ ପରିବର୍ତ୍ତନ କରାଯିବ । ସେହିପରି ନୈନିତାଲ ଜିଲ୍ଲାର ନବାବୀ ରୋଡର ନାମ ଅଟଳ ମାର୍ଗ ଏବଂ ପଞ୍ଚକକି-ଆଇଟିଆଇ ମାର୍ଗକୁ ଗୁରୁ ଗୋଲୱାଲକର ମାର୍ଗ ନାମରେ ନାମିତ କରାଯିବ ।

## ବାଚସ୍ପତି ମୋ କଥା ନଶୁଣି ପଳାଇଲେ

**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ଲୋକସଭାରେ ତାଙ୍କୁ କହିବାକୁ ଅନୁମତି ଦିଆଯାଉନାହିଁ ବୋଲି ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ସେ କହିଛନ୍ତି ଯେ ଯେତେବେଳେ ସେ କୌଣସି ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ ସେତେବେଳେ ବାଚସ୍ପତି ତାହାକୁ ନଶୁଣି ପଳାଇ ଯାଇଥିଲେ ।



କଂଗ୍ରେସ ସାଂସଦ ଅନେକ ଥର ଅଭିଯୋଗ କରିଛନ୍ତି ଯେ ଲୋକସଭାରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିବା ସମୟରେ ତାଙ୍କର ମାଇକ୍ରୋଫୋନ୍ ବନ୍ଦ କରି ଦିଆଯାଏ ବୋଲି ଏପରି ଏକ ପରମ୍ପରା ଅଛି ଯେ ବିରୋଧୀ ଦଳ ନେତାଙ୍କୁ କହିବାକୁ ଅନୁମତି ଦିଆଯାଏ । ମୁଁ ତାଙ୍କୁ ମୋତେ କହିବାକୁ ଅନୁରୋଧ କରିଥିଲି କିନ୍ତୁ ସେ (ବାଚସ୍ପତି) ପଳାଇଗଲେ । ଏହା ଗୃହ ଚଳାଇବାର କୌଣସି ଉପାୟ ନୁହେଁ, ବୋଲି ରାହୁଲ ଗାନ୍ଧୀ ସଂସଦ ପରିସରରେ ସାମ୍ବାଦିକମାନଙ୍କୁ କହିଛନ୍ତି ।

## ପୁଣି ବଢ଼ିଲା ସୁନା ଦର



**ନୂଆଦିଲ୍ଲୀ,୨।୪(ଏଜେନ୍ସି):** ଚଳିତ ମାସରେ ବିବାହ ସିଜନ ଆରମ୍ଭ ହେବ । ଏହି ସମୟରେ ସୁନା ଏବଂ ରୂପା ଦରର ମୂଲ୍ୟ ଅପ୍ରତ୍ୟାଶିତ ଭାବେ ବୃଦ୍ଧି ଘଟିବା ସମସ୍ତ ଚିନ୍ତାର କାରଣ ସାଜିଛି । ଆଜିଠୁ ଆରମ୍ଭ ହେଲା ଏପ୍ରିଲ ମାସ । ଆଜି ସୁନା ଦର ବୃଦ୍ଧି ଘଟିବା ଦେଖିବାକୁ ମିଳିଛି । ଘରୋଇ ବଜାରରେ ସୁନାର ମୂଲ୍ୟରେ ବୃଦ୍ଧି ହେବା ଦେଖିବାକୁ ମିଳିଛି । ଇଣ୍ଡିଅନ ବୁଲିୟନ ଜ୍ୱେଲର୍ସ ଆସୋସିଏସନ ଅନୁଯାୟୀ, ମାର୍ଚ୍ଚ ମାସର ଆରମ୍ଭରେ ୩ ମାର୍ଚ୍ଚରେ ସୁନା ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଥିଲା । ଏହା ୧୦ ଗ୍ରାମ ପିଛା ୮୫ ହଜାର ୨୦ ଟଙ୍କା ଥିଲା । ହେଲେ ଏହାପରେ ସୁନାର ମୂଲ୍ୟରେ ଲଗାତାର ବୃଦ୍ଧି ଘଟୁଥିବା ଦେଖିବାକୁ ମିଳୁଛି । ଏହାର ମୂଲ୍ୟ ୮୯ ହଜାର ୧୬୦ ଟଙ୍କା ୧୦ ଗ୍ରାମ ପିଛା ପହଞ୍ଚିଯାଇଛି । ଏଠାରେ ଗତ ମାସରେ ସୁନା ସମୁଦାୟ ୪ ହଜାର ୧୪୦ ଟଙ୍କା ବଢ଼ିଯାଇଛି ।

# ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍



କଟକ,୨।୪: ଓଡ଼ିଶାର କ୍ରିକେଟ୍ ପ୍ରେମୀଙ୍କ ପାଇଁ ଖୁସି ଖବର ବାରବାଟୀ ଷ୍ଟାଡିୟମରେ ଖୁବଶୀଘ୍ର ଟି-୨୦ ମ୍ୟାଚ୍ ଦେଖିବାର ସୁଯୋଗ ମିଳିବ କଟକ ସ୍ଥିତ ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ରେ ଭାରତ ଏବଂ ଦକ୍ଷିଣ ଆ।ଫ୍ରିକା ମଧ୍ୟରେ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆ।ଇ) ବୁଧବାର ଏହି କାର୍ଯ୍ୟସୂଚୀ ପ୍ରକାଶ ପାଇଛି।

ଟିମ୍ ଇଣ୍ଡିଆ। (ସିନିୟର ପୁରୁଷ) ଅନ୍ତର୍ଜାତୀୟ ଘରୋଇ ସିଜିନ୍ ୨୦୨୫ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିବା ସମୟରେ, ବିସିସିଆଇ କହିଛି ଯେ ଦକ୍ଷିଣ ଆ।ଫ୍ରିକା ଏହାର ଭାରତ ଗସ୍ତ ସମୟରେ ୫ଟି ଟି-୨୦ ମ୍ୟାଚ୍ ଖେଳିବ, ଯାହା ମଧ୍ୟରୁ ପ୍ରଥମ ଟି-୨୦ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ।

ଚଳିତବର୍ଷ ଭାରତ ତିନୋଟି ଫର୍ମାଟରେ ଏକ ଆ।କର୍ଷଣୀୟ ପ୍ରତିଯୋଗିତା ପାଇଁ ଦକ୍ଷିଣ ଆ।ଫ୍ରିକା ଭାରତ ଗସ୍ତରେ ଆ।ସିବ ଗୌହାଟୀ ଏହାର ପ୍ରଥମ ଟେଷ୍ଟ ମ୍ୟାଚ୍ ଆ।ୟୋଜନ କରିବାକୁ ଯାଉଥିବାରୁ ଦକ୍ଷିଣ ଆ।ଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ୍ ଐତିହାସିକ ହେବ। ଏହି ସିରିଜ୍ ନଭେମ୍ବର ୧୪ ରେ ନୂଆ।ଦିଲ୍ଲୀରେ ଆ।ରମ୍ଭ ହେବ, ଗୌହାଟୀ ୨୨ ନଭେମ୍ବରରୁ ଦ୍ୱିତୀୟ ଟେଷ୍ଟ ଆ।ୟୋଜନ କରିବ।ଭାରତ ଏବଂ ଦକ୍ଷିଣ ଆ।ଫ୍ରିକା ଡିସେମ୍ବରରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଏବଂ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବେ, ଯାହା ବାରବାଟୀରେ ଆ।ରମ୍ଭ ହେବ ଏବଂ ଶେଷ ମ୍ୟାଚ୍ ଅହମଦାବାଦରେ ଅନୁଷ୍ଠିତ ହେବ।

ଭ୍ରମଣକାରୀ ଦଳ ୩ଟି ଯାକ ଫର୍ମାଟରେ ଏଠାରେ ମ୍ୟାଚ ଖେଳିବ। ଏହି ଗସ୍ତର ଆ।ରମ୍ଭରେ ଦକ୍ଷିଣ ଆ।ଫ୍ରିକା ୨ଟି ଟେଷ୍ଟ ଖେଳିବ। ନଭେମ୍ବର ୧୪ରୁ ନୂଆ।ଦିଲ୍ଲୀରେ ଏବଂ ୨୨ରୁ ଗୌହାଟୀରେ ଏହି ମ୍ୟାଚ ଖେଳାଯିବ। ଏହା ପରେ ନଭେମ୍ବର ୩୦ରେ ପ୍ରଥମ ଦିନିକିଆ। ରାଂଚିରେ ଖେଳାଯିବ ସିରିଜର ବାକି ୨ଟି ମ୍ୟାଚ ଯଥାକ୍ରମେ ଡିସେମ୍ବର ୩ ଓ ୬ରେ ରାୟପୁର ଏବଂ ବିଶାଖାପାଟନମରେ ଆ।ୟୋଜନ ହେବ ।ଦିନିକିଆ।ସିରିଜ ପରେ ଉଭୟ ଟିମ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ। ପ୍ରଥମ ଟି୨୦ କଟକରେ ଡିସେମ୍ବର ୯ରେ ଖେଳାଯିବ। ଏହା ପରେ ବାକି ୪ଟି ମ୍ୟାଚ ୧୧, ୧୪, ୧୭ ଓ ୧୯ ଡିସେମ୍ବରରେ ଯଥାକ୍ରମେ ଚଣ୍ଡୀଗଡ, ଧର୍ମଶାଳା, ଲକ୍ଷ୍ନୌ ଓ ଅହମ୍ମଦାବାଦରେ ଆ।ୟୋଜିତ ହେବ।

# ଆରସିବିକୁ ହରାଇଲା ଟାଇଟନ୍ସ



ବେଙ୍ଗାଲୁରୁ,୨।୪: ଇଣ୍ଡିଆ।ନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୮ତମ ସଂସ୍କରଣର ୧୪ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି ଗୁଜରାଟ ଟାଇଟନ୍ସ। ଗୁଜରାଟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲାବେଳେ ଫଳରେ ବେଙ୍ଗାଲୁରୁ ବ୍ୟାଟିଂ କରିଥିଲା। ରଜତ ପାଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଛି। ଜବାବରେ ଗୁଜରାଟ ୧୭.୫ ଓଭରରେ ୨ ୱିକେଟ ହରାଇ ବିଜୟ ହାସଲ କରିଛି।

ବେଙ୍ଗାଲୁରୁର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା ୪୨ ରନ୍ ବେଳକୁ ଦଳ ୪ଟି ମୂଲ୍ୟବାନ ୱିକେଟ୍ ହରାଇ ସାରିଥିଲା। ଦଳର ସ୍କୋର ୮ ରନ୍‌ରେ ବିରାଟ କୋହଲି, ୧୩ ରନ୍‌ରେ ଦେବଦତ୍ତ ପଡିକ୍କଲ ଓ ୩୫ ରନ୍‌ରେ ଫିଲିପ୍ ସଲ୍ଟ ଆ।ଉଟ୍ ହୋଇଥିଲେ। ବେଙ୍ଗାଲୁରୁ ପାଇଁ ଲିଆ।ମ୍ ଲିଭିଂଷ୍ଟୋନ୍ ବ୍ୟକ୍ତିଗତ ଭାବେ ସର୍ବାଧିକ ୫୪ ରନ୍ ସଂଗ୍ରହ କରିଥିଲେ ସେ ୪୦ଟି ବଲ୍ ଖେଳି ଗୋଟିଏ ଚୌକା ଓ ୫ଟି ଛକା ମାରିଥିଲେ। ଜିତେଶ ଶର୍ମାଙ୍କ ବ୍ୟାଟରୁ ୩୩ ରନ୍ ଅମଳ ହୋଇଥିଲା।ସେ ୨୧ଟି ବଲରୁ ୫ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଟିମ୍ ଡାଭିଡ ୧୮ଟି ବଲ୍ ଖେଳି ୩ଟି ଚୌକା ଓ ୨ଟି ଛକା ବଳରେ ୩୨ ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରାରମ୍ଭିକ ବ୍ୟାଟର ଫିଲିପ୍ ସଲ୍ଟ ୧୪ ରନ୍, ବିରାଟ କୋହଲି ୭ ରନ୍, ଦେବଦତ୍ତ ପଡ଼ିକ୍କଲ ୪ ରନ୍, ରଜତ ପାଟିଦାର ୧୨ ରନ୍, କୃଣାଳ ପାଣ୍ଡ୍ୟା ୫ ରନ୍ ଓ ଭୁବନେଶ୍ୱର କୁମାର ଅପରାଜିତ ୧ ରନ୍ ସଂଗ୍ରହ କରିଥିଲେ। ଗୁଜରାଟ ପାଇଁ ମହମ୍ମଦ ସିରାଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସେହିପରି ରବି ଶ୍ରୀନିବାସନ ୨ଟି ୱିକେଟ୍ ନେଇଥିଲା ବେଳେ ଅର୍ଶଦ ଖାନ, ପ୍ରସିଦ୍ଧ କ୍ରିଷ୍ଣା ଓ ଈଶାନ୍ତ ଶର୍ମା ଗୋଟିଏ ଲେଖାଏଁ କେଟ୍ ନେଇଥିଲେ।

ଏହି ମ୍ୟାଚ୍‌ରେ ଜସ୍ ବଟଲର୍ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୩୯ଟି ବଲ୍ ସାମ୍ନା କରି ଅପରାଜିତ ୭୩ ରନ୍ କରିଥିଲେ। ବଟଲରଙ୍କ ଇନିଂସରେ ୬ଟି ଛକା ଏବଂ ୫ଟି ଚୌକା ସାମିଲ ଥିଲା ରୁଦରଫୋର୍ଡ ଅପରାଜିତ ୩୦ ରନ୍ କରିଥିଲେ। ସାଇ ସୁଦର୍ଶନ ୪୯ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଆ।ରସିବି ଗୁଜରାଟକୁ ୧୭୦ ରନର ଟାର୍ଗେଟ ଦେଇଥିଲା ଜବାବରେ, ଦଳ ୧୭.୫ ଓଭରରେ ମ୍ୟାଚ୍ ଜିତି ନେଇଥିଲା

# ମହଙ୍ଗା ପଡିଲା ଖେଳାଳିଙ୍କୁ ଅଶୋଭନୀୟ ବ୍ୟବହାର

ନୂଆ।ଦିଲ୍ଲୀ,୩।୪(ଏଜେନ୍ସି): ଆ।ଇପିଏଲ ୨୦୨୫ରେ ଏପର୍ଯ୍ୟନ୍ତ ୧୫ଟି ମ୍ୟାଚ୍ ସମାପ୍ତ ହୋଇନାହିଁ ଏବଂ ଖେଳାଳିମାନଙ୍କୁ ଲଗାତାର ଜରିମାନା ଲଗାଯାଉଛି। ଏପର୍ଯ୍ୟନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ରିୟାନ ପରାଗଙ୍କୁ ସ୍ଲୋ-ଓଭର ରେଟ୍ ଯୋଗୁଁ ୧୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିଥିଲା। ଏବେ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଲେଗ୍-ସ୍ପିନ୍ ବୋଲର ଦିଗବେଶ ରାଠିଙ୍କୁ ତାଙ୍କ ମ୍ୟାଚ୍ ଫିର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏହି ମାମଲା ୧ ଏପ୍ରିଲରେ ଖେଳାଯାଇଥିବା ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସହିତ ଜଡିତ। ବାସ୍ତବରେ ଦିଗବେଶ ରାଠି ପଞ୍ଜାବ କିଙ୍ଗସର ଓପନର ପ୍ରିୟାଂଶ ଆ।ର୍ଯ୍ୟଙ୍କୁ ଆ।ଉଟ କରିଥିଲେ। ପ୍ରିୟାଂଶଙ୍କୁ ଆ।ଉଟ୍ କରିବା ପରେ, ଦିଗବେଶ ତାଙ୍କ ପାଖକୁ ଯାଇ ହାତ ଦେଖାଇଲେ। ଯେପରି ଏହି ପଞ୍ଜାବ କିଙ୍ଗ୍ସ ବ୍ୟାଟସମ୍ୟାନ୍ ତାଙ୍କ ହିଟ୍ ଲିଷ୍ଟରେ ସାମିଲ ଥିଲେ। ପ୍ରିୟାଂଶ ଜବାବରେ କିଛି ନ କହି ପାଭିଲିୟନ ଫେରିଗଲେ, କିନ୍ତୁ ଦିଗବେଶ ରାଠିଙ୍କୁ ତାଙ୍କ କାର୍ଯ୍ୟ ପାଇଁ ବହୁତ ମୂଲ୍ୟ ଦେବାକୁ ପଡିଛି।



ଏହି ପ୍ରକାରର ଅଶୋଭନୀୟ ଆଚରଣ ପାଇଁ ଦିଗବେଶ ରାଠିଙ୍କୁ ସୋସିଆ।ଲ ମିଡିଆ।ରେ ବହୁତ ଟ୍ରୋଲ କରାଯାଇଥିଲା। ଆ।ମେ ଆ।ପଣଙ୍କୁ ମନେ ପକାଇ ଦେଉଛୁ ଯେ ପଞ୍ଜାବ କିଙ୍ଗସର ଓପନର ସାମ୍ନାରେ ଏକ ବଡ଼ ସଟ୍ ଖେଳିବାକୁ ଚାହୁଁଥିଲେ, କିନ୍ତୁ ଦିଗବେଶ ଦ୍ରୁତ ଗତିରେ ବୋଲିଂ କରି ତାଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ପଞ୍ଜାବ କିଙ୍ଗ୍ସ ଏପର୍ଯ୍ୟନ୍ତ ଆ।ଇପିଏଲ ୨୦୨୫ର ସବୁଠାରୁ ଶକ୍ତିଶାଳୀ ଦଳ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି। ଶ୍ରେୟସ ଆ।ୟର ବହୁତ ଭଲ ଫର୍ମରେ ଅଛନ୍ତି, ସେ ଉଭୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ମାରିଛନ୍ତି। ଆ।ୟର ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍‌ରେ ୧୪୯ ରନ୍ କରିଛନ୍ତି ଏବଂ ଉଭୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରେ ସେ ୫୨ ରନ୍‌ର ଏକ ଅପରାଜିତ ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ, ପ୍ରଭସିମରନ୍ ପ୍ରଥମ ମ୍ୟାଚ୍‌ରେ ଫ୍ଲପ୍ ହୋଇଥିଲେ, କିନ୍ତୁ ସେ ଲକ୍ଷ୍ନୌ ବିପକ୍ଷରେ ମଧ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ଏବଂ ୩୪ ବଲ୍‌ରେ ୬୯ ରନ୍‌ର ଏକ ଇନିଂସ ଖେଳିଥିଲେ।

# ପଞ୍ଜାବ କିଙ୍ଗ୍‌ସକୁ ଯିବାକୁ ଚାହୁଁନଥିଲେ ପନ୍ତ

ନୂଆଦିଲ୍ଲୀ: ୨୦୨୫ ଆଇପିଏଲ ମୁକାବିଲାରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)ଠାରୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସଜି) ଶୋଚନୀୟ ଭାବରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ ଶ୍ରେୟସ ଆୟର ଅର୍ଦ୍ଧଶତକ ହାସଲ କରିଥିଲେ। ପିବିକେଏସ୍ ଆ।ୟରଙ୍କ ପ୍ରଦର୍ଶନକୁ ସମ୍ମାନିତ କରିବା ପାଇଁ ସୋସିଆ।ଲ ମିଡିଆ।ରେ ଏକ ପୋଷ୍ଟ କରିଥିଲା। ଏହି ପୋଷ୍ଟରେ ଆୟରଙ୍କ ଏକ ଭିଡିଓ ରହିଥିଲା ହେଲେ କ୍ୟାପସନରେ ପିବିକେଏସ୍ ଯାହା ଲେଖିଥିଲା, ତାହା କ୍ରିକେଟର ତଥା ଏଲଏସଜି ଅଧିନାୟକ ଋଷଭ ପନ୍ତଙ୍କୁ ଟାର୍ଗେଟ କରିବା ପାଇଁ ଲେଖିଥିଲା ବୋଲି ଚର୍ଚ୍ଚା ହେଉଛି ।ସୂଚନା ମୁତାବକ, ଆ।ଇପିଏଲ ୨୦୨୫ର ମେଗା ନିଲାମରେ ୨୭ କୋଟି ଟଙ୍କାରେ ପନ୍ତଙ୍କୁ କିଣିଥିଲା ଏଲଏସଜି। ଏହା ପରେ, ପନ୍ତ ଆଶ୍ୱସ୍ତ ଅନୁଭବ କରୁଥିବା କହିଥିଲେ। ସେ କହିଥିଲେ ଯେ, ମୋର ଗୋଟାଏ ଚିନ୍ତା ଥିଲା ପଞ୍ଜାବ ମୋତେ କିଣି ନନେଉ ବୋଲି ଭାବି ମୁଁ ଚିନ୍ତିତ ଥିଲି। ଏବେ ପିବିକେଏସ୍ ସୋସିଆ।ଲ ମିଡିଆ।ରେ ଏକ ପୋଷ୍ଟ ମାଧ୍ୟମରେ ପନ୍ତଙ୍କୁ ଜବାବ ଦେଇଛି। ଟିମ୍ ଜିତିବା ପରେ ଆ।ୟରଙ୍କ ଭିଡିଓ ଅପଲୋଡ୍ କରି ପିବିକେଏସ୍ ଲେଖିଛି, ନିଲାମ ଦିନ ହିଁ ଆ।ମର ଚିନ୍ତା ଦୂର ହୋଇଯାଇଥିଲା।

# ଆଇପିଏଲ୍ ଖେଳିବନି ବୁମରା ?

ନୂଆ।ଦିଲ୍ଲୀ,୨।୪: ଜସପ୍ରିତ ବୁମରା ଆ।ଘାତ ଯୋଗୁଁ ପଡ଼ିଆ। ବାହାରେ ଅଛନ୍ତି।ସେ ଚଳିତ ବର୍ଷ ଜାନୁଆ।ରୀରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ଭାରତର ଅଷ୍ଟ୍ରେଲିଆ। ଗସ୍ତ ପରେ ବୁମରା ଏପର୍ଯ୍ୟନ୍ତ ପଡ଼ିଆ।କୁ ଫେରିପାରିନାହାଁନ୍ତି। ଏହି ସମୟରେ ଆ।ଉ ଏକ ଖବର ମିଳିଛି। ଏକ ରିପୋର୍ଟ ଅନୁଯାୟୀ, ବୁମରା ଫିଟ ହୋଇଯାଇଛନ୍ତି।କିନ୍ତୁ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି, ସେ ଆ।ଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆ।ନ୍ସ ପାଇଁ ଖେଳିବେ ନାହିଁ।

# ଆରଏସପି ସଟଲ୍ କପ୍ ୩ ଦିନିଆ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା

ରାଉରକେଲା,୨।୪: ସେଲ୍, ରାଉରକେଲା ଇସ୍ପାତ କାରଖାନା(ଆ।ରଏସପି)ର କର୍ମଚାରୀଙ୍କ ପାଇଁ ଏକ ୩ ଦିନିଆ। ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ମାର୍ଚ୍ଚ ୨୭ ତାରିଖରେ ସେକ୍ଟର-୨୦ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏହିଉଦଯାପନୀ ସମାରୋହରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆ।ଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ।, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବି ଆ।ର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଅନିଲ କୁମାର, ପ୍ରକଳ୍ପ ବିଭାଗ ର ନିବା;ହୀ ନିର୍ଦ୍ଦେଶକ,ଏସ ପାଲ ଚୌଧୁରୀ, ଙ୍କ ସମେତ ବହୁ ସିଜିଏମ ଏବଂ କାରଖାନାର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ନିଜର



ବକ୍ତବ୍ୟରେ ଶ୍ରୀ ବର୍ମା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତ ଦଳଙ୍କୁ ଦଳଗତ ଓ ପ୍ରକୃତ ଖେଳୁଆ।ଡ ମନୋଭାବ ସହିତ ଖେଳିବା ଏବଂ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଏଭଳି କ୍ରୀଡାର ଆ।ୟୋଜନର ମହତ୍ତ୍ୱ ଉପରେ ସେ ଆ।ଲୋକପାତ କରିଥିଲେ ଯାହା ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ସଂହତିକୁ ମଧ୍ୟ ସୁଦୃଢ କରିଥାଏ।ଏହି କାର୍ଯ୍ୟକ୍ରମରେ, ୪୫ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ବର୍ଗରେ ନୂତନ ପ୍ଲେଟ ମିଲ ବିଭାଗର ମ୍ୟାନେଜର, ନିବେଦିତା ବେହେରା,ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିଲେ ପ୍ରୋଜେକ୍ଟ ଏବଂ ଆ।ଧୁନିକୀକରଣ ବିଭାଗର ଓସିଟି, ସୁଶ୍ରୀ ଶର୍ମିଷ୍ଠା ପାଲ ଏହି ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ ସେହିପରି ୪୫ ବର୍ଷରୁ ଉର୍ଦ୍ଧ ମହିଳା ସିଙ୍ଗଲ୍ସ ବର୍ଗରେ, ପିଡି ବିଭାଗର ଡିଜିଏମ ସୁଶ୍ରୀ ଶାନ୍ତି କୁମାରୀ, ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିବାବେଳେ ଏଚଆ।ର ମେଡ଼ିକାଲ ବିଭାଗର ସିନିୟର ଏକ୍ସକ୍ୟୁଟିଭ ଆ।ସିଷ୍ଟାଣ୍ଟ ସୁଶ୍ରୀ ରଞ୍ଜିତ କୌର ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ।

ସେହିପରି, ୪୫ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ବର୍ଗରେ, ନୂତନ ପ୍ଲେଟ ମିଲ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ନବୀନ ରାଜଭାରପୁ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିଲେ କୋକ ଓଭେନ ବିଭାଗର ଏଜିଏମ, ଏନଏମକେ ସ୍ୱାମୀ, ଏହି ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ। ସେହିପରି ୪୫ ବର୍ଷରୁ ଉର୍ଦ୍ଧ ପୁରୁଷ ସିଙ୍ଗଲ୍ସ ବର୍ଗରେ, ଏସଏମଏସ -୨ ବିଭାଗର ଜିଏମ, ବିଭୁଦତ୍ତ ମିଶ୍ର, ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିବା ବେଳେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବି ଆ।ର ପଲାଇ ଇଭେଣ୍ଟର ରନର୍ସ-ଅପ୍ ହୋଇଥିଲେ। ଅନୁରୂପ ଭାବେ ମହିଳା ଡବଲ୍ସ ୪୫ ବର୍ଷରୁ କମ୍ ବର୍ଗରେ ହଟ ଷ୍ଟ୍ରିପ ମିଲ -୨ ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ମୁର୍ମୁ, ଏବଂ ସିସିଡବ୍ଲ୍ୟୁ ବିଭାଗର ଏଜିଏମ ସୁଶ୍ରୀ ଦିବ୍ୟା ଦାଶଙ୍କ ଦଳ ବିଜେତା ହୋଇଥିବା ବେଳେ ବଲାଣି ଓର ମାଇନ୍ସ ର ଏସିଟି, ସୁଶ୍ରୀ ଇପ୍ସିତା ସାହୁ ଏବଂ ପିଡି ବିଭାଗର ଏସିଟି, ସୁଶ୍ରୀ ସୁମନ ଯୋଗେଶଙ୍କ ଦଳ ରନର୍ସ ଅପ୍ ହୋଇଥିଲା। ସେହିପରି, ପୁରୁଷ ଡବଲ୍ସ ୪୫ ବର୍ଷରୁ ଅଧିକ ବର୍ଗରେ ମେଡ଼ିକାଲ ବିଭାଗର ଅତିରିକ୍ତ ସିଏମଓ ଡକ୍ଟର ମନୋଜ କୁମାର ପ୍ରଧାନ ଏବଂ ମେଡ଼ିକାଲ ବିଭାଗର ସିନିୟର ୱାର୍ଡ ଆ।ଟେଣ୍ଡାଣ୍ଟ, ଶ୍ରୀ ସୁନିଲ ବେହେରାଙ୍କ ନେଇ ଗଠିତ ଦଳ ବିଜେତା ହୋଇଥିବା ବେଳେ ବେଳେ ପ୍ରୋଜେକ୍ଟ ଏବଂ ଆ।ଧୁନିକୀକରଣ ବିଭାଗର ସିନିୟର ଏକଜିକ୍ୟୁଟିଭ୍ ଆ।ସିଷ୍ଟାଣ୍ଟ, ରମେଶ ଚନ୍ଦ୍ର ପସାୟତ ଏବଂ କୋକ୍ ଓଭନ୍ ବିଭାଗର ସିନିୟର ମ୍ୟାନେଜର , ରମେଶ ଚନ୍ଦ୍ର ବେହେରାଙ୍କ ଦଳ ରନର୍ସ ଅପ୍ ହୋଇଥିଲା।

ପୁରୁଷ ଡବଲ୍ସ ୪୫ ବର୍ଷରୁ କମ୍ ବର୍ଗରେ ଟି ଏଣ୍ଡ ଆ।ରଏମ ବିଭାଗର ସିନିୟର ଟେକ୍ନିସିଆ।ନ୍, ମହମ୍ମଦ ରସିଦ ଏବଂ ବ୍ଲାଷ୍ଟ ଫରନେସ ବିଭାଗର ଟେକ୍ନିସିଆ।ନ୍, ଶ୍ରୀ ତାପସ ସ୍ୱାଇଁଙ୍କ ଦଳ ବିଜେତା ହୋଇଥିବା ବେଳେ ବିଆ।ଇଏମ ର ଫିଲ୍ଡ ମେକାନିକ୍ ଅପରେଟର, କେ.ଡି.ସାହା ଏବଂ ଓସିଟି, ବିଜୟ ମୁଣ୍ଡାଙ୍କ ଦଳ ରନର୍ସ ଅପ୍ ହୋଇଥିଲା।

ଏହି ଟୁର୍ଣ୍ଣାମେଣ୍ଟକୁ ପିଏଚ୍, ଏସ୍ ଆ।ଣ୍ଡ୍ ଡବ୍ଲ୍ୟୁ ବିଭାଗର ଜିଏମ ଜେ.ପି.ମିଶ୍ର, ଏଚ ଆ।ର ବିଭାଗ ର ଜିଏମ, ଏସ୍ ବଡ଼ପଣ୍ଡା, କ୍ରିଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଆ।ର ପାଢୀଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା ଉଦ୍ୟାନ କୃଷି ବିଭାଗର ସିନିୟର ମ୍ୟାନେଜର ଡକ୍ଟର ସ୍ୱୟନାରାୟଣ ମିଶ୍ର, ଏଇ ଉଦଯାପନୀ ଉତ୍ସବର ପରିଚାଳନା କରିଥିଲେ।

# ଆଇପିଏଲରେ ଓଡ଼ିଶାର ଭବିଷ୍ୟତ

ଭୁବନେଶ୍ୱର,୨।୪(ମହାଭାରତ): ଭାରତରେ ଶହେ ଚାଳିଶି କୋଟି ଜନସଂଖ୍ୟା ମଧ୍ୟରୁ ଏକ ତୃତୀୟାଂଶ ଲୋକେ କ୍ରିକେଟ ଖେଳ ଦେଖିବାକୁ ଭଲ ପାଆ।ନ୍ତି। ସେ ଗଳି କ୍ରିକେଟ ହେଉ ଅବା ଅନ୍ତର୍ଜାତୀୟ କ୍ରିକେଟ, ସବୁଥିରେ ଥାଏ ପ୍ରତ୍ୟେକଙ୍କ ତୀକ୍ଷ୍ଣ ନଜର। ସେହିପରି ଆ।ଇପିଏଲ ଏମିତି ଏକ ସୁଯୋଗ ବା ପ୍ଲାଟଫର୍ମ ଯେଉଁଥିରେ ବିଶ୍ୱର ପ୍ରତେକ ଖେଳାଳି ନିଜର ଭାଗ୍ୟ ପରୀକ୍ଷା କରିଥାନ୍ତି । ଆ।ଇପିଏଲକୁ ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରିକେଟ୍ ଲିଗ୍ ଭାବରେ ବିବେଚିତ କରାଯାଏ। ବିଶ୍ୱର ସମସ୍ତ ଖେଳାଳି ଏହି ଲିଗରେ ଅଂଶ ଗ୍ରହଣ କରିବା ପାଇଁ ନିଜର ନାମ ପଞ୍ଜିକୃତ କରିଥାନ୍ତି। ସେ ଅଷ୍ଟ୍ରେଲିଆ। ହେଉ ଅବା ଆ।ଫଗାନିସ୍ତାନ ସବୁଠି ରହିଛି ଏହି ଲିଗ୍ ପ୍ରତି ଦୁର୍ବଳତା। ବିଶ୍ୱର ସବୁ କୋଣରୁ ଖେଳାଳି ଆସି ଏହି ଲିଗ୍ ମାଧ୍ୟମରେ ନିଜକୁ ଲୋକପ୍ରିୟ କରିବାର ଏକ ସୁବର୍ଣ୍ଣ ସୁଯୋଗ ପାଇଥାନ୍ତି। ଏହି ସୁଯୋଗର ଅଧିକ ଲାଭ ଉଠେଇଥାନ୍ତି ଭାରତୀୟ ଖେଳାଳି ଭାରତୀୟ ଦଳରେ ଖେଳିବାର ସୌଭାଗ୍ୟ ସଭିଙ୍କ ଭାଗ୍ୟରେ ନଥାଏ। କିନ୍ତୁ ଆ।ଇପିଏଲ ଆ।ସିବା ପରଠୁ ଯୁବ ଖେଳାଳିଙ୍କ ପାଇଁ ଟିମ୍ ଇଣ୍ଡିଆ।ରେ ଖେଳିବା ସହଜ ହୋଇଛି।

ଯୁବ ପ୍ରତିଭାମାନେ ଦେଶ ବିଦେଶରୁ ଆ।ସିଥିବା ପୁରୁଖା ଖେଳାଳିଙ୍କ ସହ ମିଶି ଖେଳିବାର ସୁଯୋଗ ପାଉଛନ୍ତି। ସେ ଜସପ୍ରିତ ବୁମରାହ ହୁଅନ୍ତୁ ବା ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି, ସମସ୍ତଙ୍କୁ ପରିଚୟ ଦେବାରେ ସହାୟକ ହୋଇଛି ଇଂଣ୍ଡିଆ।ନ ପ୍ରିମିୟର ଲିଗ୍ ବା (ଆ।ଇପିଏଲ) ବିଶ୍ୱର ସବୁ ପ୍ରାନ୍ତରୁ ଖେଳାଳି ଆ।ସି ନିଜର ପରିଚୟ ସୃଷ୍ଟି କରିପାରୁଛନ୍ତି, ତେବେ ଓଡିଶାର ଖେଳାଳି ଆ।ଇପିଏଲ ଖେଳିବାରୁ ବଞ୍ଚିତ କାହିଁକି ? କାହିଁକି ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ(ବିସିସିଆ।ଇ) ଓଡିଶା କ୍ରିକେଟ(ଓସିଏ) ପ୍ରତି ଏତେ ଅବହେଳିତ ? କଣ ଓଡିଆ। ଖେଳାଳିଙ୍କ ପାଖରେ ସେତିକି ଦକ୍ଷତା ନାହିଁ ଯାହା ତାଙ୍କୁ ଜାତୀୟ ଓ ଅନ୍ତଃର୍ଜାତିୟ ସ୍ତରରେ ଖେଳିବାରୁ ବଞ୍ଚିତ କରୁଛି ? ଏହି ସବୁ ପ୍ରଶ୍ନର ଉତ୍ତର କାହା ପାଖରେ





ଯଦି ଆ।ପଣ ଆ।ଇପିଏଲର ଇତିହାସ ଉପରେ ନଜର ପକାଇବେ ତେବେ ଓଡ଼ିଶାରୁ କେବଳ ଦୁଇ ଜଣ ଖେଳାଳି ଏହି ଲିଗ୍ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ହଳଧର ଦାଶ ପ୍ରଥମେ ୨୦୦୮ ମସିହାରେ ଡେକାନ ଚାର୍ଜର୍ସ ପାଇଁ ଖେଳିବାର ସୁଯୋଗ ପାଇଥିବା ବେଳେ ତାର ୪ ବର୍ଷ ପରେ ୨୦୧୨ ଓଡିଆ। ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟ ସେହି ସମାନ ଫ୍ରାଞ୍ଚାଇଜ ପାଇଁ ଖେଳିବାରେ ସଫଳ ହୁଅନ୍ତି। ଯଦିଓ ଅଭିଶେକ୍ ରାଉତ ଏବଂ ଓଡିଆ ପୁଅ ପ୍ରଜ୍ଞାନ ଓଝାଙ୍କର ଆଇପିଏଲରେ ସଫଳ ଖେଳାଳିମାନଙ୍କ ତାଲିକାରେ ନାମ ଆସେ କିନ୍ତୁ ଏ ଦୁଇ ଜଣ ମହାରାଷ୍ଟ୍ର ଓ ହାଇଦ୍ରାବାଦ କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରତିନିଧି କରନ୍ତି। ସୌଭାଗ୍ୟ ବସତଃ ଆଇପିଏଲର ୧୫ ଏବଂ ୧୬ ତମ ସଂସ୍କରଣରେ ଓଡିଶା ରନଜି ଦଳର ପୂର୍ବତନ ଅଧିନାୟକ ସୁଭ୍ରାଂଶୁ ସେନାପତିଙ୍କୁ ୫ ଥରର ଆଇପିଏଲ ବିଜେତା ଚେନ୍ନାଇ ସୁରକିଙ୍ଗସ୍ ନିଜ ଦଳରେ ୨୦ ଲକ୍ଷ ଟଙ୍କାରେ ସାମିଲ କରିଥିଲା ସତ। କିନ୍ତୁ ଦୁଇ ଦୁଇଟି ସିଜିନରେ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇନାଥିଲେ। ସେହିପରି ଦେବାଶିଷ ମହାନ୍ତି, ସଞ୍ଜୟ ରାଉଳ, ଏବଂ ଶିବସୁନ୍ଦର ଦାସଙ୍କୁ ବାଦ୍ ଦିଆ।ଯାଏ ତେବେ ଅନ୍ୟ କୌଣସି ଓଡିଆ। ଖେଳାଳି ଅନ୍ତଃର୍ଜାତୀୟ ସ୍ତରରେ ଗୋଟେବି ମ୍ୟାଚ୍ ଖେଳିବାର ସୁଯୋଗ ପାଇବାରେ ବିଫଳ। କଣ ଏହାର କାରଣ ପ୍ରତିଭାର ଅଭାବ ନା ଆ।ବଶ୍ୟକ ସ୍ତରରେ ପଦର୍ଶନ ନକରିବାର ଅସମର୍ଥ। ଏମିତି ହଜାର ବା ଲକ୍ଷ ମାତ୍ରାରେ ପ୍ରଶ୍ନ ଆ।ପଣଙ୍କ ମନରେ ଉଙ୍କି ମାରୁଥିବ କାହିଁକି ଓଡିଆ। ଖେଳାଳି ଆ।ଇପିଏଲ ଖେଳିବାରୁ ବଞ୍ଚିତ। ପୁଣି ଥରେ ଆ।ଇପିଏଲ ଫେରିଛି। କିନ୍ତୁ ବଦଳିନି ଓଡ଼ିଆ ଖେଳାଳୀଙ୍କ ଭାଗ୍ୟ। ୧୮ ତମ ସଂସ୍କରଣ ବା ଆ।ଇପିଏଲର ଚଳିତ ସଂସ୍କରଣ ରେ ଜଣେ ବି ଓଡ଼ିଆ ଖେଳାଳିକିଣା ହୋଇପାରିନାହାଁନ୍ତି। ତେବେ ଏହି ପ୍ରସଙ୍ଗରେ ଓଡିଶାର ପୂର୍ବତନ ପ୍ରଶିକ୍ଷକ ରଶ୍ମୀ ରଞ୍ଜନ ପରିଡାଙ୍କ କହିବା ମତରେ ଓଡିଆ ଖେଳାଳି ମାନଙ୍କର ଘରୋଇ ସ୍ତରରେ ଓ ରଣଜୀ ସ୍ତରରେ ପ୍ରଦର୍ଶନରେ ସମାନତା ରହୁନଥିବରୁ କ୍ରିକେଟ ଫ୍ରାଞ୍ଚାଇଜ ମାନଙ୍କର ଦୃଷ୍ଟି ଆ।କର୍ଶିତ କରିପାରୁନାହାନ୍ତି।

ସେହିପରି ଓଡିଶାର ଅନ୍ୟ ଏକ ଖେଳାଳିଙ୍କ କହିବା ମତରେ ଭିତ୍ତିଭୂମିର ଅଭାବ ଯୋଗୁ ବା ଖେଳପଡିଆ।ର ଅଭାବ ପାଇଁ ଓଡିଆ। ଖେଳାଳି ମାନେ ଭଲ ପଦର୍ଶନ କରିପାରୁ ନାହାନ୍ତି। ବହୁତ କ୍ଲବ କେବଳ କଟକ ଏବଂ ଭୂବନେଶ୍ରରେ ଧ୍ୟାନ ଦେବାରୁ ଅନ୍ୟ କୌଣଷି ସ୍ଥାନରୁ ଖେଳାଳି ତିଆ।ରି ହେବାରେ ବାଧକ ସାଯୁଛି। ଆଞ୍ଚଳିକ କ୍ଲବ ମାନଙ୍କରେ ଅର୍ଥର ଅଭାବ ଯୋଗୁଁ, କେବଳ ଖେଳିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ। କେବଳ ଭିତ୍ତିଭମି କୁ ସୃଦୃଢ କରିଦେଲେ ଖେଳାଳିଙ୍କୁ ସୁଯୋଗ ମିଳିବ ତା ନୁହେଁ ଖେଳାଳି ମାନଙ୍କୁ ଭଲ ପ୍ରଦର୍ଶନ କରିବା ସହ ନିଜର ଆତ୍ମବିଶ୍ୱାସ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ରହିଛି। ସେ କହିଛନ୍ତି ଏଠି ପ୍ରଶ୍ନ ଉଠୁଛି ଯଦି ଓଡିଶା ସରକାର ହକିକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇ-ଦୁଇ ଥର ଓଡିଶାରେ ହକି ବିଶ୍ୱକପ ଆ।ୟୋଜିତ କରପାରିଲେ ତେବେ କ୍ରିକେଟକୁ ଏତେ ଅଣ ଦେଖା କାହିଁକି। ତେବେ ଆ।ଗକୁ ଦେଖିବାର କଥା ରହିଲାକି କେବେ ଓଡିଶାରେ ଆ।ଇପିଏଲ ପାଇଁଦଳ ଗଠନ କରାଯିବ। ଆ।ଉ କେବେ ଓଡିଆ। ଖେଳାଳିଙ୍କ ଭାଗ୍ୟରେ ଆ।ଇପିଏଲ ପଡ଼ିହେବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ